ଶ୍ରୀଅରବିନ୍ଦ

# ମା

ଶ୍ରୀଅରବିନ୍ଦ

# ମା

ମା

ଶ୍ରୀଅରବିନ୍ଦଙ୍କ 'THE MOTHER' ପୁସ୍ତକର ଓଡ଼ିଆ ଅନୁବାଦ

MA (Oriya)
'THE MOTHER'
Author : Sri Aurobindo

Translated by : Sri Ramakrishna Das
Sri Prapatti

1st Printing : April, 1955
13th Printing : January, 2000
14th Printing : January, 2002

© Sri Aurobindo Ashram Trust,
Pondicherry - 605 002

Published by :
Navajyoti Karyalaya, Publication Dept.
Sri Aurobindo Ashram, Pondicherry - 605 002

---

Printed at Sri Aurobindo Ashram Press,
Pondicherry - 605 002, India

# ମା

# ୧

ଯେଉଁ ମହାନ୍, ଯେଉଁ ଦୁରୂହ କାର୍ଯ୍ୟଟି ଆମ୍ଭମାନଙ୍କ ସାଧନାର ଲକ୍ଷ୍ୟ, ତାହା କେବଳ ଦୁଇଟି ଶକ୍ତିର ସଂଯୋଗରେ ସମ୍ପନ୍ନ ହୋଇପାରେ। ଗୋଟିଏ ହେଲା ନିମ୍ନରୁ ଆବାହନ କରେ ଯେଉଁ ସ୍ଥିର, ଅପ୍ରତିହତ ଆସ୍ପୃହା, ଆଉ ଅନ୍ୟଟି ହେଲା ଉପରୁ ଉତ୍ତର ଦିଏ ଯେଉଁ ପରମ ଭାଗବତ କରୁଣା।

କିନ୍ତୁ ସେହି ପରମ ଭାଗବତ କରୁଣା କାର୍ଯ୍ୟ କରିପାରେ କେବଳ ଜ୍ୟୋତିଃ ଓ ସତ୍ୟର ବିଧାନକୁ ଆଶ୍ରୟ କରି ; ଅସତ୍ୟ ଓ ଅଜ୍ଞାନ ଯଦି ଭାଗବତ କରୁଣା ଉପରେ ଆରୋପ କରାଯାଏ, ତେବେ ସେ କାର୍ଯ୍ୟ କରିବାକୁ ଅସ୍ୱୀକାର କରେ। କାରଣ, ମିଥ୍ୟା ଦାବିକୁ ଯଦି ସେ ସ୍ୱୀକାର କରିନିଏ, ତେବେ ସେ ନିଜେହିଁ ନିଜର ବ୍ୟର୍ଥତାର କାରଣ ହୁଏ।

ଏକମାତ୍ର ଜ୍ୟୋତିଃ ଓ ସତ୍ୟର ବିଧାନକୁ ଆଶ୍ରୟ କରି ଉଚ୍ଚତମା ଶକ୍ତି ଅବତରଣ କରେ ; ଆଉ ଏକମାତ୍ର ଅତିମାନସର ପରମା ଶକ୍ତିହିଁ ଉପରୁ ଅବତରଣ କଲେ ନିମ୍ନରେ ଅପ୍ରକଟ ଥିବା ସେହି ଅତିମାନସ ଶକ୍ତି ପ୍ରକଟ ହୁଏ ଏବଂ ସ୍ଥୂଳ ପ୍ରକୃତି ଉପରେ ଅପ୍ରତିହତ କର୍ତ୍ତୃତ୍ୱ ସ୍ଥାପନ କରି ତାହାର ସକଳ ବାଧାକୁ ନିର୍ମୂଳ କରିପାରେ...। ଏଥିସକାଶେ ଏକାନ୍ତ ପ୍ରୟୋଜନ ହେଲା ଅଖଣ୍ଡ ଏବଂ ଐକାନ୍ତିକ ସମର୍ପଣ, ଭାଗବତୀ ଶକ୍ତି ଆଡ଼କୁ ଅନନ୍ୟମୁଖୀ ଆତ୍ମୋନ୍ମୀଳନ, ଯେଉଁ ସତ୍ୟ ଅବତରଣ କରୁଛି ତାକୁ ସର୍ବଦା ଏବଂ ସର୍ବତୋଭାବେ ବରଣ କରିବା, ଏବଂ ଆଜି ପର୍ଯ୍ୟନ୍ତ ପାର୍ଥିବ ପ୍ରକୃତିକୁ ମନ-ପ୍ରାଣ-ଶରୀରର ଯେଉଁ ସବୁ ମାୟା, ଯେଉଁ ସବୁ ଶକ୍ତି ଶାସନ କରି ଚାଲୁଛି, ତାହାର ମିଥ୍ୟାକୁ ପ୍ରତିପଦରେ ସର୍ବତୋଭାବେ ବର୍ଜନ କରିବା।

ସମଗ୍ର ସତ୍ତାର ସକଳ ଅଂଶ ପୂର୍ଣ୍ଣରୂପେ ସମର୍ପିତ ହେବା ଉଚିତ। କେବଳ ଚୈତ୍ୟ ସତ୍ତା ଉତ୍ତର ଦେଲେ ଏବଂ ତାହା ସଙ୍ଗେ ଉଚ୍ଚତର ମନ ସ୍ୱୀକାର କରିନେଲେ ବା ଏପରିକି ଆନ୍ତର ପ୍ରାଣ ପର୍ଯ୍ୟନ୍ତ ଗ୍ରହଣ କଲେ ତଥା ଦେହର ଆନ୍ତର ଚେତନା ଗୋଟାଏ ପ୍ରଭାବର

ସ୍ପର୍ଶ ଲାଭ କଲେ ବି ଏହା ଯଥେଷ୍ଟ ନୁହେଁ। ଆଧାରର କୌଣସି ଅଂଶରେ ଏପରିକି ଅତି ସ୍ଥୂଳ ଅଂଶରେ ବି ଯାହା କୁଣ୍ଠାଗ୍ରସ୍ତ, ଯାହା ସଂଶୟପୂର୍ଣ୍ଣ, ବିମିଶ୍ରିତ ବା ଯାହା ପ୍ରବଞ୍ଚନାର ଅନ୍ତରାଳରେ ନିଜକୁ ଲୁଚାଇ ରଖିଥାଏ ବା ବିଦ୍ରୋହ ଅଥବା ଅସ୍ୱୀକାର କରିଥାଏ ସେସମସ୍ତକୁ ନିଃଶେଷରେ ସମର୍ପଣ କରିବାକୁ ହେବ ।

ଆଧାରର ଗୋଟିଏ ଅଂଶ ଯଦି ସମର୍ପଣ କରେ କିନ୍ତୁ ଅନ୍ୟ ଅଂଶଟି ନିଜକୁ ଅସମର୍ପିତ ରଖେ, ନିଜ ପଥରେ ଚାଲେ ଅଥବା ନିଜ ସର୍ତ୍ତର ଦାବି କରେ, ତେବେ ଏହିପରି ଯେତେଥର ଘଟୁଥିବ ସେତେଥର ତୁମେ ଭାଗବତ କରୁଣାକୁ ଦୂରକୁ ଠେଲି ଦେଉଥିବ।

ତୁମର ଭକ୍ତି, ତୁମର ଆତ୍ମସମର୍ପଣ ପଛରେ ଯଦି ତୁମର ବାସନା, ଅହଂଗତ ଦାବି ଓ ତୁମ ପ୍ରାଣର ଜିଦ୍ ପ୍ରଚ୍ଛନ୍ନରୂପେ କାର୍ଯ୍ୟ କରେ ଏବଂ ତୁମେ ଯଦି ଏସବୁକୁ ତୁମର ଯଥାର୍ଥ ଆସ୍ପୃହାର ସ୍ଥାନରେ ରଖ ବା ଏସବୁକୁ ତାହା ସଙ୍ଗରେ ମିଶାଇ ଦିଅ କିମ୍ବା ତାହାକୁ ଭାଗବତୀ ଶକ୍ତି ଉପରେ ଆରୋପ କରିବାକୁ ଚାହଁ, ତେବେ ରୂପାନ୍ତର ନିମିତ୍ତ ଭାଗବତ କରୁଣାକୁ ଆହ୍ୱାନ କରିବା ନିରର୍ଥକ।

ତୁମ ଆଧାରର ଗୋଟାଏ ପାଖରେ ବା ଗୋଟାଏ ଅଂଶରେ ଯଦି ତୁମେ ସତ୍ୟ ଆଡ଼କୁ ନିଜକୁ ଖୋଲିଧର, ଅନ୍ୟ ଦିଗରେ ସର୍ବଦାହିଁ ବିରୋଧୀ ଶକ୍ତି ନିମିତ୍ତ ଦ୍ୱାର ଉନ୍ମୁକ୍ତ ରଖ, ତେବେ ଭାଗବତ କରୁଣା ତୁମ ସହିତ ସ୍ଥାୟୀ ହୋଇ ରହିବ, ଏହି ଆଶା କରିବା ବୃଥା। ଭଗବାନଙ୍କୁ ଯଦି ଜାଗ୍ରତ ଭାବରେ ସ୍ଥାପନ କରିବାକୁ ଚାହଁ, ତେବେ ମନ୍ଦିରଟିକୁ ତୁମକୁ ଶୁଦ୍ଧ ରଖିବାକୁହିଁ ହେବ।

ଦିବ୍ୟଶକ୍ତି ଯେତେଥର ଉତରି ଆସି ସତ୍ୟକୁ ତୁମ ସମ୍ମୁଖରେ ଆଣି ରଖନ୍ତି, ସେତେଥର ତୁମେ ଯଦି ମୁଖ ଫେରାଇ ନିଅ ଏବଂ ବହିଷ୍କୃତ ହୋଇଥିବା ମିଥ୍ୟାକୁ ପୁନର୍ବାର ଡାକିଆଣ ତେବେ ଭାଗବତ କରୁଣା ନିଷ୍ଫଳ ହେଲା ବୋଲି ତୁମେ ଦୋଷ ଦେଇ ପାରିବ ନାହିଁ। ଦୋଷ ଦେବ — ତୁମ ନିଜ ସଂକଳ୍ପର ମିଥ୍ୟାଚାରକୁ ଏବଂ ତୁମ ଆତ୍ମସମର୍ପଣର ଅସମ୍ପୂର୍ଣ୍ଣତାକୁ।

ସତ୍ୟକୁ ଯଦି ଆହ୍ୱାନ କର ଅଥଚ ଯଦି ତୁମ ମଧ୍ୟରେ ଏପରି କିଛି ଥାଏ ଯାହା ଅସତ୍ୟକୁ, ଅଜ୍ଞାନକୁ, ଅବିଦ୍ୟାକୁ ବରଣ କରେ କିମ୍ବା ଏସବୁକୁ ନିଃଶେଷରେ ବାହାର କରିଦେବା ପାଇଁ ଅନ୍ତତଃ ଅନିଚ୍ଛୁକ ହୁଏ, ତେବେ ତୁମ ମଧ୍ୟରେ ଶତ୍ରୁର ଆକ୍ରମଣ-ପଥ ସବୁ ସମୟରେ

ଖୋଲା ରହିବ; ଭାଗବତ କରୁଣା ବି ଧୀରେ ଧୀରେ ଅପସରି ଯିବ। ସୁତରାଂ ପ୍ରଥମେ ତୁମ ମଧ୍ୟରେ ଥିବା ମିଥ୍ୟା ଓ ତମୋଗ୍ରସ୍ତ ଭାବକୁ ଖୋଜି ବାହାର କର; ତା'ପରେ ସେସବୁକୁ ସର୍ବଦା ପ୍ରତ୍ୟାଖ୍ୟାନ କରିଚାଲ। ତେବେହିଁ ରୂପାନ୍ତର ସାଧନ ସକାଶେ ଭାଗବତୀ ଶକ୍ତିକୁ ଯଥାର୍ଥରେ ଆହ୍ୱାନ କରିବାର ଅଧିକାର ତୁମେ ପାଇପାରିବ।

ଏପରି ଭାବିବ ନାହିଁ ଯେ ସତ୍ୟ ଏବଂ ମିଥ୍ୟା, ଆଲୋକ ଏବଂ ଅନ୍ଧକାର, ଆତ୍ମଦାନ ଏବଂ ସ୍ୱାର୍ଥପରତା, ଉଭୟଙ୍କୁ ଭଗବାନଙ୍କ ନିମିତ୍ତ ନିବେଦିତ ମନ୍ଦିର ମଧ୍ୟରେ ଏକସଙ୍ଗେ ବାସ କରିବାକୁ ଦିଆଯାଏ। ରୂପାନ୍ତର ହେବ ସର୍ବାଙ୍ଗୀନ; ସୁତରାଂ ଯାହାକିଛି ତାହାର ପ୍ରତିରୋଧୀ ସେସବୁର ସର୍ବାଙ୍ଗୀନ ପରିହାରହିଁ ପ୍ରୟୋଜନ।

ଭଗବାନ ଯେଉଁ ବିଧାନ କରିଛନ୍ତି, ତା' ଯଦି ତୁମେ ପାଳନ ନକର ଏବଂ ଚାହଁ ଯେ ଭାଗବତୀ ଶକ୍ତି ତୁମ ସକାଶେ ସବୁକିଛି କରିଦେବେ ବା କରିବାକୁ ବାଧ — ଏ ମିଥ୍ୟା ଧାରଣା ଦୂର କର। ତୁମର ସମର୍ପଣକୁ ସତ୍ୟ ଏବଂ ସମ୍ପୂର୍ଣ୍ଣ କର, ତେବେ ଆଉ ସବୁ କିଛି ତୁମ ପାଇଁ କରି ଦିଆହେବ।

ଭାଗବତୀ ଶକ୍ତି ତୁମ ପାଇଁ ଆତ୍ମସମର୍ପଣ ବି କରିଦେବେ, ଏହି ମିଥ୍ୟା ଏବଂ ତାମସିକ ଭାବ ଦୂର କର। ଭଗବାନ ଚାହାଁନ୍ତି ଭାଗବତୀ ଶକ୍ତିଙ୍କ ନିକଟରେ ତୁମର ଆତ୍ମସମର୍ପଣ, କିନ୍ତୁ ସେ ତାହା ଜୋର୍ କରି ଆଦାୟ କରନ୍ତି ନାହିଁ। ପ୍ରତିମୁହୂର୍ତ୍ତରେ ତୁମେ ସ୍ୱାଧୀନ,—ସ୍ଥାୟୀ ରୂପାନ୍ତର ଯେପର୍ଯ୍ୟନ୍ତ ନ ହୋଇଛି, ସେପର୍ଯ୍ୟନ୍ତ ତୁମେ ପ୍ରତିପଦରେ ଇଚ୍ଛାନୁସାରେ ଭଗବାନଙ୍କୁ ଅସ୍ୱୀକାର କରିପାର, ପ୍ରତ୍ୟାଖ୍ୟାନ କରିପାର, ତୁମର ଆତ୍ମଦାନକୁ ପ୍ରତ୍ୟାହାର କରିପାର ଯଦି ତୁମେ ଆଧ୍ୟାତ୍ମିକ ବିଫଳତା ଭୋଗ କରିବାକୁ ପ୍ରସ୍ତୁତ ଥାଅ। ତୁମର ସମର୍ପଣ ହେବା ଉଚିତ ସ୍ୱତଃସ୍ଫୂର୍ତ୍ତ ଓ ସ୍ୱେଚ୍ଛାକୃତ; ଏହି ସମର୍ପଣ ହେବ ଏକ ଜୀବନ୍ତ ସତ୍ତାର, ଜଡ଼ ପୁତ୍ତଳିକା ବା ଅସହାୟ ଯନ୍ତ୍ରର ନୁହେଁ।

ତାମସିକ ନିଶ୍ଚେଷ୍ଟତାକୁ ଅଧିକାଂଶ ସମୟରେ ଯଥାର୍ଥ ସମର୍ପଣ ବୋଲି ଭୁଲ ଧାରଣା କରାହୁଏ। କିନ୍ତୁ ତାମସିକ ନିଶ୍ଚେଷ୍ଟତାରୁ କୌଣସି ଯଥାର୍ଥ ଏବଂ ଶକ୍ତିଶାଳୀ ବସ୍ତୁର ଉଦ୍ଭବ ହୁଏ ନାହିଁ। ସ୍ଥୂଳ ପ୍ରକୃତିର ଏହି ତାମସିକ ନିଷ୍କ୍ରିୟତାହିଁ ସର୍ବଦା ଅଜ୍ଞାନ, ଅଦିବ୍ୟ ପ୍ରଭାବର କ୍ରୀଡ଼ନକ ହୋଇପଡ଼େ। ଭାଗବତୀ ଶକ୍ତି ଯେଉଁଥିରେ କାର୍ଯ୍ୟ କରିପାରନ୍ତି ସେଥିପାଇଁ ଆବଶ୍ୟକ ସାନନ୍ଦ ସମର୍ଥ ସହଯୋଗୀ ଆତ୍ମସମର୍ପଣ,

ସତ୍ୟ-ଜ୍ଞାନ-ଦୀପ୍ତ ଶିଷ୍ୟର ଆନୁଗତ୍ୟ, ଏବଂ ଭଗବାନଙ୍କର ଏକନିଷ୍ଠ ସେବକର ଆନୁଗତ୍ୟ ଯାହାର କଲ୍ୟାଣରେ ଆମର ଅନ୍ତର୍ଯୋଦ୍ଧା ମିଥ୍ୟା, ତାମସିକତାର ବିରୁଦ୍ଧରେ ଯୁଦ୍ଧ କରି ଚାଲିପାରେ ।

ଏହାହିଁ ହେଲା ଯଥାର୍ଥ ମନୋଭାବ । କେବଳ ଯେଉଁମାନେ ଏହାକୁ ଧାରଣ କରିପାରନ୍ତି ଓ ରଖିପାରନ୍ତି ସେହିମାନେହିଁ ବ୍ୟର୍ଥତା ଓ ବିପତ୍ତି ମଧ୍ୟରେ ସର୍ବଦା ଶ୍ରଦ୍ଧା ଅଟଳ ରଖିପାରନ୍ତି ଏବଂ ଶେଷରେ ଅଗ୍ନିପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସେହି ଚରମ ବିଜୟ ଓ ପରମ ରୂପାନ୍ତର ପ୍ରାପ୍ତ ହୋଇ ପାରନ୍ତି ।

# ୨

ବିଶ୍ୱରେ ଯାହାକିଛି ଘଟେ, ତା'ର ପଶ୍ଚାତରେ ଭଗବାନ ତାଙ୍କର ଶକ୍ତିକୁ ଆଶ୍ରୟକରି ରହିଛନ୍ତି, ସେ ନିଜର ଯୋଗ-ମାୟାରେ ଆବୃତ, ଅପରା ପ୍ରକୃତିର ଅନ୍ତର୍ଗତ ଜୀବର ଅହଙ୍କାର ମଧ୍ୟଦେଇ ସେ କାର୍ଯ୍ୟ କରନ୍ତି ।

ପୂର୍ଣ୍ଣଯୋଗରେ ମଧ୍ୟ ଭଗବାନହିଁ ସାଧକ, ଭଗବାନହିଁ ସାଧନା । ତାଙ୍କର ଶକ୍ତି ଓ ସେହି ଶକ୍ତିର ଜ୍ୟୋତିଃ, ସାମର୍ଥ୍ୟ, ଚେତନା, ଆନନ୍ଦ ସେହି ଆଧାରରେ କାର୍ଯ୍ୟ କରୁଥା'ନ୍ତି ଏବଂ ଆଧାର ଯେତେବେଳେ ସେସବୁ ପ୍ରତି ଉନ୍ମୁକ୍ତ ହୁଏ ସେତେବେଳେ ତାହା ମଧ୍ୟରେ ସେ ସେହିସବୁ ଦିବ୍ୟ ବସ୍ତୁକୁ ଢାଳି ଦିଅନ୍ତି ଯଦ୍ୱାରା ସାଧନା ସମ୍ଭବ ହୁଏ । କିନ୍ତୁ ନିମ୍ନ ପ୍ରକୃତି ଯେତେଦିନ ପର୍ଯ୍ୟନ୍ତ ସକ୍ରିୟ

ଥାଏ ସେତେଦିନ ପର୍ଯ୍ୟନ୍ତ ସାଧକର ବ୍ୟକ୍ତିଗତ ପ୍ରଚେଷ୍ଟା ଆବଶ୍ୟକ ହୁଏ ।

ଏହି ବ୍ୟକ୍ତିଗତ ପ୍ରଚେଷ୍ଟା ହେଲା ତ୍ରିବିଧ : ଅଭୀପ୍ସା, ପ୍ରତ୍ୟାଖ୍ୟାନ ଏବଂ ସମର୍ପଣ ।

**ଅଭୀପ୍ସା :** ଅଭୀପ୍ସା ହେବା ଉଚିତ ସଦାଜାଗ୍ରତ, ଅବିରାମ ଓ ଅବିଚ୍ଛିନ୍ନ ; ଏହା ସକାଶେ ପ୍ରୟୋଜନ ହେଲା ମନର ଦୃଢ଼ ସଂକଳ୍ପ, ହୃଦୟର ଅନ୍ୱେଷଣ, ପ୍ରାଣସତ୍ତାର ସମ୍ମତି, ଆଉ ଦୈହିକ ଚେତନା ଓ ପ୍ରକୃତିକୁ ଉନ୍ମୁକ୍ତ ଓ ନମନୀୟ କରି ଗଢ଼ିବା ନିମିତ୍ତ ସଂକଳ୍ପ ।

**ପ୍ରତ୍ୟାଖ୍ୟାନ :** ଅପରା ପ୍ରକୃତିର ସକଳ ଗତିବୃତ୍ତିର ପ୍ରତ୍ୟାଖ୍ୟାନ – ପ୍ରତ୍ୟାଖ୍ୟାନ କରିବାକୁ ହେବ ମନର ଧାରଣା, ଅଭିମତ, ଅଭିରୁଚି, ଅଭ୍ୟାସ, ପରିକଳ୍ପନା ଯଦ୍ଦ୍ୱାରା ମନ ନୀରବ ହୁଏ ଏବଂ ଏହି ନୀରବ ମନ ହେଲା ଯଥାର୍ଥ ଜ୍ଞାନର ପ୍ରକାଶ ନିମିତ୍ତ ଗୋଟିଏ ମୁକ୍ତକ୍ଷେତ୍ର – ପ୍ରତ୍ୟାଖ୍ୟାନ କରିବାକୁ ହେବ ପ୍ରାଣପ୍ରକୃତିର ବାସନା, ଦାବି, କ୍ଷୁଧା, ଉତ୍ତେଜନା, ଆବେଗ, ସ୍ୱାର୍ଥପରତା, ଅହଙ୍କାର, ଗର୍ବ,

କାମ, ଲୋଭ, ଈର୍ଷା, ଅସୂୟା, ସତ୍ୟ ପ୍ରତି ବିରୁଦ୍ଧାଚାର ଯଦ୍ୱାରା ଅଚଞ୍ଚଳ, ଉଦାର, ସମର୍ଥ, ସମର୍ପିତ ପ୍ରାଣପୁରୁଷ ମଧରେ ଉର୍ଦ୍ଧ୍ୱରୁ ଦିବ୍ୟ ଶକ୍ତି ଓ ଆନନ୍ଦ ନିଜକୁ ଢାଳି ଦେଇପାରେ—ପ୍ରତ୍ୟାଖ୍ୟାନ କରିବାକୁ ହେବ ଶାରୀରିକ ପ୍ରକୃତିର ମୂଢ଼ତା,ସଂଶୟ, ଅବିଶ୍ୱାସ, ଅଜ୍ଞାନ, ଦୁରାଗ୍ରହ, ସଂକୀର୍ଣ୍ଣତା, ଆଳସ୍ୟ, ପରିବର୍ତ୍ତନବିମୁଖତା, ତାମସିକତା ଯଦ୍ୱାରା ସର୍ବଦା ଦିବ୍ୟ ଭାବରେ ବିକାଶଶୀଳ ଶରୀରରେ ଦିବ୍ୟ ଜ୍ୟୋତିଃ, ଶକ୍ତି ଓ ଆନନ୍ଦ ସୁପ୍ରତିଷ୍ଠିତ ହୋଇପାରେ ।

**ସମର୍ପଣ :** ସମର୍ପଣ କରିବାକୁ ହେବ ଭଗବାନଙ୍କ ପାଖରେ ଓ ଭାଗବତୀ ଶକ୍ତିଙ୍କ ପାଖରେ – ନିଜେ ଯାହା ଓ ନିଜର ଯାହା କିଛି ଅଛି, ଏବଂ ନିଜ ଚେତନାର ପ୍ରତ୍ୟେକ ସ୍ତର ଓ ପ୍ରତ୍ୟେକ ବୃତ୍ତିକୁ ।

*

ସମର୍ପଣ ଓ ଆତ୍ମନିବେଦନ ଯେଉଁ ଅନୁପାତରେ ବୃଦ୍ଧି ପାଏ ସେହି ଅନୁପାତରେ ସାଧକ ସଜ୍ଞାନ ହୋଇଉଠେ

ଏବଂ ଅନୁଭବ କରେ ଯେ ତା' ମଧ୍ୟରେ ଭାଗବତୀ ଶକ୍ତି ସାଧନା କରୁଛନ୍ତି, ତା' ମଧ୍ୟରେ କ୍ରମେ ସେ ନିଜକୁ ବେଶୀ କରି ଢାଳି ଦେଉଛନ୍ତି ଏବଂ ଦିବ୍ୟ ପ୍ରକୃତିର ସ୍ୱାଧୀନତା ଓ ପୂର୍ଣ୍ଣତାର ଭିତ୍ତି ସ୍ଥାପନ କରୁଛନ୍ତି। ଭାଗବତୀ ଶକ୍ତିର ଏହି ସଚେତନ କ୍ରିୟାଧାରା ସାଧକର ନିଜସ୍ୱ ପ୍ରଚେଷ୍ଟାର ସ୍ଥାନ ଯେତେ ଅଧିକ ପରିମାଣରେ ଅଧିକାର କରିବ, ସେତେହିଁ ତା'ର ଉନ୍ନତି ଦ୍ରୁତ ଓ ଯଥାର୍ଥ ହେବ। କିନ୍ତୁ ସମର୍ପଣ ଓ ନିବେଦନ ଯେତେଦିନ ପର୍ଯ୍ୟନ୍ତ ଊର୍ଦ୍ଧ୍ୱପ୍ରାନ୍ତରୁ ଅଧଃପ୍ରାନ୍ତ ପର୍ଯ୍ୟନ୍ତ ନିର୍ଦ୍ଦୋଷ ଏବଂ ସମ୍ପୂର୍ଣ୍ଣ ନ ହୋଇଛି ସେତେଦିନ ପର୍ଯ୍ୟନ୍ତ ବ୍ୟକ୍ତିଗତ ପ୍ରୟାସର ପ୍ରୟୋଜନ ସେ ପୂର୍ଣ୍ଣଭାବେ ଛାଡ଼ିପାରିବ ନାହିଁ।

ମନେରଖ, ଯେଉଁ ସମର୍ପଣ ସର୍ତ୍ତ ପାଳନ କରିବାକୁ ଚାହେଁ ନାହିଁ, ତାହା ତାମସିକ ସମର୍ପଣ : ତାହା ଭଗବାନଙ୍କୁ ଆହ୍ୱାନ କରେ ସବୁକିଛି କରିଦେବେ ବୋଲି ଏବଂ ଚାହେଁ ସକଳ କ୍ଳେଶ, ଦ୍ୱନ୍ଦ୍ୱ ଏଡ଼ିଦେଇ ଚାଲିବାକୁ ;—ଏହା ହେଲା ଆତ୍ମପ୍ରବଞ୍ଚନା, ଏହା ମୁକ୍ତି ଓ ପୂର୍ଣ୍ଣତା ଆଡ଼କୁ ନେଇଯାଏ ନାହିଁ।

# ୩

ଯଦି ଜୀବନ-ପଥରେ ସକଳ ଭୟ, ସଙ୍କଟ ଏବଂ ସର୍ବନାଶ ବିରୁଦ୍ଧରେ କବଚାବୃତ ହୋଇ ଚାଲିବାକୁ ଚାହଁ, ତେବେ କେବଳ ଦୁଇଟି ଜିନିଷ ପ୍ରୟୋଜନ — ସେ ଦୁଇଟି ସର୍ବଦା ଏକସଙ୍ଗେ ରହେ। ପ୍ରଥମଟି ହେଲା ମା ଭଗବତୀଙ୍କ କରୁଣା, ଆଉ ଦ୍ୱିତୀୟଟି ହେଲା ତୁମ ଆଡୁ ଶ୍ରଦ୍ଧା, ନିଷ୍ଠା, ସମର୍ପଣରେ ଗଠିତ ତୁମର ଅନ୍ତଃକରଣ। ତୁମର ଶ୍ରଦ୍ଧା ହେବା ଉଚିତ ଶୁଦ୍ଧ, ସରଳ ଏବଂ ପୂର୍ଣ୍ଣ। ମନ ଓ ପ୍ରାଣର ଅହମାତ୍ମକ ଶ୍ରଦ୍ଧା, ଯେଉଁ ଶ୍ରଦ୍ଧାକୁ ଉଚ୍ଚାଭିଳାଷ, ଗର୍ବ, ଆତ୍ମାଭିମାନ, ମନର ଦମ୍ଭ, ସ୍ୱେଚ୍ଛାଚାରିତା, ବ୍ୟକ୍ତିଗତ ଦାବି, ନିମ୍ନ ପ୍ରକୃତିର ସକଳ ତୁଚ୍ଛ ତୃପ୍ତିର କାମନା କଳୁଷିତ କରି ରଖିଛି, ସେ ଶ୍ରଦ୍ଧାର ଅନୁନ୍ନତ ଧୂମାଚ୍ଛନ୍ନ ଶିଖା ସ୍ୱର୍ଲୋକ ଦିଗରେ ଊର୍ଦ୍ଧ୍ୱକୁ ପ୍ରଜ୍ୱଳିତ ହୋଇଉଠେ ନାହିଁ। ମନେରଖ ଭାଗବତ କର୍ମ ଓ ଭାଗବତ ଅଭିବ୍ୟକ୍ତିରେ ସାହାଯ୍ୟ ନିମିତ୍ତ ତୁମକୁ ତୁମର ଜୀବନ ଦିଆ ହୋଇଛି। ଆଉ କିଛି ଆକାଙ୍‌କ୍ଷା କର ନାହିଁ — କେବଳ ଦିବ୍ୟ ଚେତନାର

ବିଶୁଦ୍ଧି, ଶକ୍ତି, ଜ୍ୟୋତିଃ, ପ୍ରସାରତା, ପ୍ରଶାନ୍ତି, ଆନନ୍ଦ ସକାଶେ ଆକାଙ୍‌କ୍ଷା କର ଯେପରିକି ସେହି ଚେତନା ତୁମ ମନ, ପ୍ରାଣ, ଦେହକୁ ରୂପାନ୍ତରିତ ଓ ସର୍ବାଙ୍ଗସୁନ୍ଦର କରି ଗଢ଼ିବା ନିମିତ୍ତ ସତତ ସଚେଷ୍ଟ ହୋଇଉଠିବ। ଆଉ କିଛି ଚାହଁ ନାହିଁ, କେବଳ ପୃଥିବୀ ଉପରେ, ତୁମ ମଧ୍ୟରେ, ଯେଉଁମାନେ ଅଧିକାର ପାଇଛନ୍ତି, ଯେଉଁମାନଙ୍କୁ ଗ୍ରହଣ କରାହୋଇଛି, ସେମାନଙ୍କ ମଧ୍ୟରେ ଭାଗବତ, ଆଧ୍ୟାତ୍ମିକ, ଅତିମାନସ ସତ୍ୟ ଓ ତାହାର ବାସ୍ତବ ସିଦ୍ଧିକୁ ଚାହଁ ଏବଂ ଚାହଁ ସେହି ଅବସ୍ଥା ଓ ବ୍ୟବସ୍ଥା ଯାହାର ଆନୁକୂଲ୍ୟରେ ହେବ ଏହି ସତ୍ୟର ସୃଷ୍ଟି ଏବଂ ସକଳ ବିରୋଧୀ ଶକ୍ତି ଉପରେ ପୂର୍ଣ୍ଣ ବିଜୟ।

ତୁମର ଆନ୍ତରିକତା ଓ ତୁମର ସମର୍ପଣ ହେଉ ଯଥାର୍ଥ ଏବଂ ସମ୍ପୂର୍ଣ୍ଣ। ଯେବେ ତୁମକୁ ନିଜକୁ ଦେଇ ଦେବାକୁ ହୁଏ, ତେବେ ନିଃଶେଷରେ ଦେଇ ଦିଅ, କୌଣସି ଦାବି, କୌଣସି ସର୍ତ୍ତ, କୌଣସି କୁଣ୍ଠିତ ଭାବ ରଖ ନାହିଁ, ଯଦ୍ଦ୍ୱାରା ତୁମର ସକଳ ବସ୍ତୁ ଦିବ୍ୟଜନନୀଙ୍କର ହୋଇଯିବ, ଅହଂକାର ପାଇଁ ଅଥବା ଅନ୍ୟ କୌଣସି ଶକ୍ତିକୁ ଦେବା ସକାଶେ ଯେପରି ଆଉ କିଛି ଅବଶିଷ୍ଟ ନ ଥିବ।

ତୁମର ଶ୍ରଦ୍ଧା, ତୁମର ଆନ୍ତରିକତା ଓ ସମର୍ପଣ ଯେତେ ପୂର୍ଣ୍ଣତର ହେବ, ମା'ଙ୍କର କରୁଣା ଓ ଅଭୟ ସେତେହିଁ ଘେରି ରହିବ। ଯଦି ମା ଭଗବତୀଙ୍କର କରୁଣା ଓ ଅଭୟ ତୁମ ସଙ୍ଗେ ରହିଛି, ତେବେ ଆଉ ଏପରି କ'ଣ ଅଛି ଯାହା ତୁମକୁ ସ୍ପର୍ଶ କରିବ ବା ଆଉ କାହାକୁ ତୁମେ ଭୟ କରିବ? ଏହି କୃପାରୁ ଅଳ୍ପ ଟିକିଏ ବି ତୁମକୁ ସକଳ ବାଧା ବିପତ୍ତି ଓ ସଙ୍କଟରୁ ପାର କରିଦେବ; ତାଙ୍କର ପୂର୍ଣ୍ଣ ଉପସ୍ଥିତି ଯଦି ତୁମକୁ ଆବୃତ କରି ରଖେ, ତେବେ ନିରାପଦରେ ତୁମ ପଥରେ ତୁମେ ଚାଲିଯାଇ ପାରିବ, କାରଣ ସେ ପଥ ହେଲା ମା'ଙ୍କର; ଏ ଜଗତରେ ହେଉ ବା ଅଦୃଶ୍ୟ ଜଗତସମୂହରେ ହେଉ, କୌଣସି ଶତ୍ରୁଶକ୍ତି, ତାହା ଯେତେ ଶକ୍ତିଶାଳୀ ହେଉ ନା କାହିଁକି, ତୁମକୁ ସ୍ପର୍ଶ କରିପାରିବ ନାହିଁ; କୌଣସି ବିଭୀଷିକା ତୁମ ଚିନ୍ତାର କାରଣ ହୋଇପାରିବ ନାହିଁ। ଏହି କରୁଣାର ସ୍ପର୍ଶରେ ସଙ୍କଟ ସୁଯୋଗରେ, ବ୍ୟର୍ଥତା ସାର୍ଥକତାରେ, ଦୁର୍ବଳତା ଅମୋଘ ସାମର୍ଥ୍ୟରେ ପରିଣତ ହୁଏ। କାରଣ ଦିବ୍ୟଜନନୀଙ୍କର ଅନୁକମ୍ପା ହେଲା ପରମେଶ୍ୱରଙ୍କ ଅନୁମତି। ଏବେ ହେଉ ବା ପରେ ହେଉ, ତାହାର ଫଳ ସୁନିଶ୍ଚିତ, ପୂର୍ବନିର୍ଦ୍ଦିଷ୍ଟ, ଅବଶ୍ୟମ୍ଭାବୀ ଓ ଅନିବାର୍ଯ୍ୟ।

# ୪

ଅର୍ଥ ବିଶ୍ୱଗତ ଶକ୍ତିର ଗୋଟିଏ ସ୍ଥୂଳ ଚିହ୍ନ। ଏହି ଶକ୍ତି ଯେତେବେଳେ ପୃଥିବୀ ଉପରେ ପ୍ରକାଶିତ ହୁଏ ସେତେବେଳେ ତାହାର କ୍ରିୟା ହୁଏ ପ୍ରାଣ ଓ ଜଡ଼ର ସ୍ତରରେ ; ବାହ୍ୟ ଜୀବନର ପରିପୂର୍ଣ୍ଣତା ନିମିତ୍ତ ଏହି ଶକ୍ତି ଅପରିହାର୍ଯ୍ୟ। ଉତ୍ପତ୍ତି ଏବଂ କର୍ମରେ ଏହା ହେଲା ଭଗବାନଙ୍କର ଶକ୍ତି। ତେବେ ଭଗବାନଙ୍କର ଅନ୍ୟାନ୍ୟ ଶକ୍ତି ପରି ଏହା ବି ପୃଥିବୀରେ ହସ୍ତାନ୍ତରିତ ହୋଇଛି ଏବଂ ନିମ୍ନପ୍ରକୃତିଗତ ଅଜ୍ଞାନ କ୍ଷେତ୍ରରେ ଅହଂକାର ନିଜ ବ୍ୟବହାର ନିମିତ୍ତ ଏହାକୁ ଅପହରଣ କରିଛି, ଅଥବା ଆସୁରିକ ପ୍ରଭାବ ଏହାକୁ ଅଧିକାର କରି ନିଜର ଉଦ୍ଦେଶ୍ୟସାଧନ ସକାଶେ ବିକୃତ କରିଛି। ବସ୍ତୁତଃ ଏହି ତିନୋଟି ଶକ୍ତି — କ୍ଷମତା, ଧନ ଓ କାମ — ମନୁଷ୍ୟର ଅହଂକାର ଓ ଅସୁର ସକାଶେ ପରମ ଆକର୍ଷଣର ବସ୍ତୁ ; ଏହି ତିନୋଟି ପ୍ରାୟ ସର୍ବତ୍ର ଅନଧିକାରୀଙ୍କ ଦ୍ୱାରା ଅଧିକୃତ

ହୋଇ ଅପବ୍ୟବହୃତ ହେଉଛି। ଯେଉଁମାନେ ଧନାକାଙ୍କ୍ଷୀ ବା ଧନର ରକ୍ଷକ, ସେମାନେ ପ୍ରାୟ ଯେତେ ଧନର ଅଧିକାରୀ ନୁହଁନ୍ତି, ସେତେଟା ଧନ ସେମାନଙ୍କୁ ଅଧିକାର କରିଛି, ଅସୁରମାନେ ଧନକୁ ଦୀର୍ଘକାଳ ସେମାନଙ୍କ କବଳରେ ରଖିଛନ୍ତି, ଅପବ୍ୟବହାର କରିଛନ୍ତି, ତା' ଫଳରେ ଧନ ଉପରେ ଯେ ଗୋଟାଏ ଦୂଷିତ ପ୍ରଭାବର ଛାପ ରହିଛି, ସେଥିରୁ ଖୁବ୍ ଅଳ୍ପ ଲୋକହିଁ ନିଜକୁ ପୂର୍ଣ୍ଣଭାବରେ ରକ୍ଷା କରିପାରିଛନ୍ତି। ଏହି କାରଣରୁ ସକଳ ଅଧ୍ୟାତ୍ମମାର୍ଗ ଆତ୍ମସଂଯମ, ଅନାସକ୍ତି ଏବଂ ତ୍ୟାଗ ଉପରେ ଏତେ ଜୋର୍ ଦେଇଛନ୍ତି ଏବଂ କହିଛନ୍ତି ଯେ ଅର୍ଥର ଯାବତୀୟ ବନ୍ଧନରୁ ମୁକ୍ତ ହୁଅ, ନିଜ ପାଇଁ ଓ ଅହଂକାରର ସେବା ପାଇଁ ଏହାକୁ ଲାଭ କରିବାର ବାସନା ତ୍ୟାଗ କର। ଏପରିକି ଅନେକ ବ୍ୟକ୍ତି ଧନସମ୍ପତ୍ତିକୁ ପାପ ବୋଲି ବିବେଚନା କରନ୍ତି ଏବଂ ଘୋଷଣା କରନ୍ତି ଯେ ଜୀବନରେ ଦାରିଦ୍ର୍ୟ ଓ ରିକ୍ତତାହିଁ ଆଧ୍ୟାତ୍ମିକ ଅବସ୍ଥାର ଏକମାତ୍ର ଅନୁକୂଳ ବସ୍ତୁ। କିନ୍ତୁ ଏହା ଗୋଟାଏ ଭ୍ରମ; ଏଥିରେ ଧନବଳ ଦାନବ-ଶକ୍ତି ହାତରେ ରହିଯାଏ। ଯେଉଁ ଅର୍ଥର ପ୍ରକୃତ ମାଲିକ ଭଗବାନ, ତାଙ୍କ ନିମିତ୍ତ ଅର୍ଥର ପୁନରୁଦ୍ଧାର, ଭାଗବତ ଜୀବନ ନିମିତ୍ତ ଭାଗବତ ଭାବରେ ତାହାର

ବ୍ୟବହାର,—ଏହାହିଁ ହେଲା ସାଧକ ପକ୍ଷରେ ଅତିମାନସର ପଥ।

ଅର୍ଥଶକ୍ତି ଏବଂ ଏହା ଯେଉଁସବୁ ଉପାୟ ଏବଂ ଉପକରଣ ଆଣିଦିଏ, ସେଥିରୁ ବୈରାଗୀ ପରି ସଙ୍କୋଚରେ ମୁଖ ଫେରାଇ ନିଅ ନାହିଁ; ଅନ୍ୟଦିଗରେ ପୁଣି ଏସବୁ ଉପରେ କୌଣସି ରାଜସିକ ଆସକ୍ତି ପୋଷଣ କର ନାହିଁ ବା ଏହାର ଭୋଗରେ ନିଜକୁ ଛାଡ଼ିଦେଇ ଏହାର ଏକାନ୍ତ ଦାସ ହୋଇପଡ଼ ନାହିଁ। ଅର୍ଥ ହେଲା ଗୋଟାଏ ଶକ୍ତି, ମା'ଙ୍କ ପାଇଁ ପୁନର୍ବାର ତାକୁ ଜୟ କରିବାକୁ ହେବ, ତାଙ୍କର ସେବାରେ ଅର୍ପଣ କରିବାକୁ ହେବ; ଅର୍ଥକୁ ଏହି ଦୃଷ୍ଟିରେ ଦେଖ।

ସବୁ ଧନସମ୍ପତ୍ତି ଭଗବାନଙ୍କର ଏବଂ ଯେଉଁମାନଙ୍କର ଏ ଜିନିଷ ରହିଛି, ସେମାନେ ରକ୍ଷକ ବା ଟ୍ରଷ୍ଟି (trustee) ମାତ୍ର, ମାଲିକ ନୁହନ୍ତି। ଆଜି ଏହା ସେମାନଙ୍କ ପାଖରେ ଅଛି, କାଲି ଅନ୍ୟତ୍ର ଚାଲିଯାଇ ପାରେ। ଯେତେଦିନ ପର୍ଯ୍ୟନ୍ତ ଏହା ସେମାନଙ୍କ ପାଖରେ ଅଛି, ସେତେଦିନ ସେମାନେ ଏହି ଟ୍ରଷ୍ଟ (trust) ର କାର୍ଯ୍ୟ କିପରି ସମ୍ପାଦନ କରନ୍ତି, କିପରି ମନୋଭାବ, କିପରି ଉଦ୍ଦେଶ୍ୟ, କିପରି ଚେତନାରେ ଏହାର ବ୍ୟବହାର କରନ୍ତି—ଏହାହିଁ ଅସଲ କଥା।

ଯେତେବେଳେ ନିଜ ଅର୍ଥ ବ୍ୟବହାର କରିବ ସେତେବେଳେ ଏହି ଭାବ ସର୍ବଦା ରଖିବ ଯେ ଯାହାକିଛି ତୁମର ଅଛି ଏବଂ ଯାହାକିଛି ତୁମେ ପାଇବ ବା ସଂଗ୍ରହ କରିବ ତାହାସବୁ ହେଲା ମା'ଙ୍କର। କୌଣସି ଦାବି କରିବ ନାହିଁ, ସେ ତୁମକୁ ଯାହା ଦେଇଛନ୍ତି, ତାହାକୁ ଗ୍ରହଣ କରିବ ଏବଂ ଯେଉଁ ଉଦ୍ଦେଶ୍ୟରେ ଦେଇଛନ୍ତି, ସେଇ ଉଦ୍ଦେଶ୍ୟରେ ବ୍ୟବହାର କରିବ। ତୁମକୁ ସଂପୂର୍ଣ୍ଣ ନିଃସ୍ୱାର୍ଥ, ଏକାନ୍ତ ନ୍ୟାୟନିଷ୍ଠ, ଯଥାଯଥ ହିସାବୀ, ପୁଙ୍ଖାନୁପୁଙ୍ଖଦର୍ଶୀ, ଉତ୍କୃଷ୍ଟ ରକ୍ଷକ ହେବାକୁ ହେବ। ସର୍ବଦା ମନେ ରଖିବ ସମ୍ପତ୍ତି ତାଙ୍କର, ତୁମେ ବ୍ୟବହାର କରୁଛ, ତୁମ ନିଜର ନୁହେଁ। ପକ୍ଷାନ୍ତରେ, ତୁମେ ତାଙ୍କ ପାଇଁ ଯାହା କିଛି ପାଅ, ସେସବୁକୁ ପରମ ଶ୍ରଦ୍ଧା ସହ ତାଙ୍କ ପାଖରେ ନିବେଦନ କରିବ ; ତୁମ ନିଜର ବା ଅନ୍ୟର ପ୍ରୟୋଜନରେ ତାହା ବ୍ୟବହାର କରିବ ନାହିଁ।

ଧନ ନିମିତ୍ତ ଧନୀ ପାଖରେ ମସ୍ତକ ନତ କରିବ ନାହିଁ, ତାଙ୍କର ଆଡ଼ମ୍ବର, ପ୍ରତିପତ୍ତି ବା ପ୍ରଭାବରେ କେତେବେଳେ ବଶୀଭୂତ ହେବ ନାହିଁ। ମା'ଙ୍କ ନିମିତ୍ତ ଯେବେ ଅର୍ଥ ଚାହିଁବ, ସେତେବେଳେ ତୁମେ ଅନୁଭବ କରିବ ଯେ ତୁମ ଭିତର ଦେଇ ସେ ତାଙ୍କ ନିଜ ବସ୍ତୁର ଅତି ସାମାନ୍ୟ ଅଂଶ ମାତ୍ର ଦାବି କରୁଛନ୍ତି। ଯେଉଁ

ବ୍ୟକ୍ତି ପାଖରୁ ତୁମେ ଅର୍ଥ ଚାହଁ, ସେ କିପରି ଉତ୍ତର ଦିଏ, ସେଥିରେ ହେବ ତା'ର ପରୀକ୍ଷା।

ଅର୍ଥ-ଆସକ୍ତିରୁ ଯଦି ତୁମେ ମୁକ୍ତ ହୋଇଥାଅ, ଆଉ ସନ୍ନ୍ୟାସୀ-ତୁଲ୍ୟ ଅର୍ଥକୁ ତ୍ୟାଗ ନ କରିଥାଅ, ସେତେବେଳେ ଭାଗବତ କର୍ମ ନିମିତ୍ତ ଅର୍ଥଜୟ କରିବାର ଅଧିକ କ୍ଷମତା ତୁମେ ଲାଭ କରିବ। ମନର ସମତା, କୌଣସି ଦାବି ନ ରଖିବା, ଏବଂ ତୁମର ଯାହାକିଛି ଅଛି, ଯାହାକିଛି ତୁମେ ପାଅ, ତୁମର ସକଳ ଉପାର୍ଜନ ଶକ୍ତି—ଏସବୁକୁ ଭାଗବତୀ ଶକ୍ତିଙ୍କ ପାଖରେ ତାଙ୍କ କର୍ମ ନିମିତ୍ତ ପୂର୍ଣ୍ଣ ନିବେଦନ କରିବା ହେଲା ମୁକ୍ତିର ଲକ୍ଷଣ। ଅର୍ଥ ଏବଂ ଅର୍ଥର ବ୍ୟବହାର ସମ୍ବନ୍ଧରେ ମନର ସାମାନ୍ୟ ବିକ୍ଷୋଭ, କୌଣସି ଦାବି, କୌଣସି କୁଣ୍ଠା ଯଦି ରହିଥାଏ, ତେବେ ତାହା ତୁମ ମଧ୍ୟରେ କୌଣସିଠାରେ କୌଣସି ଅପୂର୍ଣ୍ଣତା ବା ବନ୍ଧନ ରହିଥିବାର ଅଭ୍ରାନ୍ତ ଚିହ୍ନ।

ଏହି ପଥରେ ଆଦର୍ଶ ସାଧକର ଲକ୍ଷଣ ହେଲା ଏହି: ପ୍ରୟୋଜନ ହେଲେ ସେ ଦରିଦ୍ର ଭାବରେ ଜୀବନ ଯାପନ କରିପାରେ, ଅଥଚ କୌଣସି ଅଭାବବୋଧ ତାକୁ ସ୍ପର୍ଶ କରେ ନାହିଁ, ତା'ର ଅନ୍ତରରେ ଭାଗବତ ଚେତନାର ଅବାଧ ଲୀଳାକୁ ବ୍ୟାହତ କରେ ନାହିଁ; ଧନୀ ପରି ଯଦି ଜୀବନ ଯାପନ କରିବାକୁ ହୁଏ, ତାହାହିଁ ସେ

କରିପାରେ, କିନ୍ତୁ ମୁହୂର୍ତ୍ତକ ପାଇଁ ଧନର ବାସନା ବା ଆସକ୍ତିର ଅଧୀନ ହୋଇପଡ଼େ ନାହିଁ, ଅଥବା ଯେଉଁସବୁ ଜିନିଷ ସେ ବ୍ୟବହାର କରେ ତହିଁରେ ଆସକ୍ତ ହୋଇ ରହେ ନାହିଁ, ଅସଂଯତ ପ୍ରବୃତ୍ତିର ଦାସ ହୁଏ ନାହିଁ, କିମ୍ବା ଅର୍ଥ ରହିଲେ ଯେଉଁସବୁ ଅଭ୍ୟାସର ସୃଷ୍ଟି ହୁଏ ତହିଁରେ ଅବଶ ବା ଅସହାୟତୁଲ୍ୟ ଆବଦ୍ଧ ହୁଏ ନାହିଁ। ଭାଗବତ ଇଚ୍ଛା ଓ ଭାଗବତ ଆନନ୍ଦହିଁ ତା'ର ସର୍ବସ୍ୱ।

ଅତିମାନସ ସୃଷ୍ଟିରେ ଅର୍ଥବଳକୁ ଭାଗବତୀ ଶକ୍ତିଙ୍କ ନିକଟକୁ ଫେରାଇ ଆଣିବାକୁ ହେବ—ମା ଭଗବତୀ ତାଙ୍କର ଦିବ୍ୟ ଓ ସୃଜନଶୀଳ ଦୃଷ୍ଟିରେ ଯେପରି ଭାବରେ ନିର୍ଦ୍ଧାରିତ କରିଛନ୍ତି ସେହି ଅନୁସାରେ ଏକ ନୂତନ ଦିବ୍ୟ ପ୍ରାଣ, ଦିବ୍ୟ ଶରୀରକୁ ସତ୍ୟ, ସୁନ୍ଦର, ସୁସମଞ୍ଜସ ଉପଚାରରେ ଓ ସୁନିୟମରେ ଗଢ଼ିବା ନିମିତ୍ତ ଅର୍ଥକୁ ବ୍ୟବହାର କରିବାକୁ ହେବ। କିନ୍ତୁ ଏହା ପୂର୍ବରୁ ପ୍ରଥମେ ଦରକାର ହେଲା, ମା'ଙ୍କ ନିମିତ୍ତ ଧନକୁ ଜୟ କରି ନେଇ ଆସିବା। ଆଉ ଜୟ କରିବାର ସାମର୍ଥ୍ୟ ସେହିମାନଙ୍କର ସକଳଙ୍କ ଅପେକ୍ଷା ଅଧିକ ଯେଉଁମାନଙ୍କ ପ୍ରକୃତି ମଧ୍ୟରେ ଏହି ଅଂଶଟି ସବଳ, ଉଦାର, ଅହଂକାରନିର୍ମୁକ୍ତ, ଦାବିଶୂନ୍ୟ ଏବଂ ନିଃଶେଷରେ ନିଃସଙ୍କୋଚରେ ସମର୍ପିତ —ଯେଉଁମାନେ ଶକ୍ତିର ବିଶୁଦ୍ଧ ବୀର୍ଯ୍ୟବାନ୍ ଯନ୍ତ୍ର।

# ୪

ଯଦି ତୁମେ ଦିବ୍ୟ କର୍ମର ଯଥାର୍ଥ କର୍ମୀ ହେବାକୁ ଚାହଁ, ତେବେ ତୁମର ଲକ୍ଷ୍ୟ ପ୍ରଥମେ ହେବ ସମସ୍ତ ବାସନାରୁ, ଆତ୍ମସର୍ବସ୍ୱ ଅହଂକାରରୁ ନିଜକୁ ପୂର୍ଣ୍ଣରୂପେ ମୁକ୍ତ କରିବା। ତୁମର ସମସ୍ତ ଜୀବନ ହେବ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଏକ ନିବେଦନ ଓ ଆତ୍ମଦାନ; କର୍ମରେ ତୁମର ଏକମାତ୍ର ଲକ୍ଷ୍ୟ ହେବ ଭାଗବତୀ ଶକ୍ତିଙ୍କ ଲୀଳାରେ ତାଙ୍କର ସେବକ ହେବା, ତାଙ୍କୁ ଧାରଣ କରିବା, ସାର୍ଥକ କରିବା, ତାଙ୍କ ପ୍ରକାଶର ଯନ୍ତ୍ର ହେବା। ଭାଗବତ ଚେତନାରେ ତୁମକୁ ପୂର୍ଣ୍ଣତର ହୋଇ ଉଠିବାକୁ ହେବ, ଯେପରି ଶେଷରେ ତୁମର ଇଚ୍ଛା ଏବଂ ତାଙ୍କର ଇଚ୍ଛା ମଧ୍ୟରେ କୌଣସି ପାର୍ଥକ୍ୟ ନ ରହେ, ତାଙ୍କର ପ୍ରେରଣା ବ୍ୟତୀତ ଆଉ କୌଣସି ସଂକଳ୍ପ ତୁମ ମନ ମଧ୍ୟରେ ସ୍ଥାନ ନ ପାଏ, ତାଙ୍କର ସଜ୍ଞାନ କର୍ମ ବ୍ୟତୀତ ତୁମ ମଧ୍ୟରେ ଏବଂ

ତୁମକୁ ଆଶ୍ରୟ କରି ଆଉ କୌଣସି କର୍ମ ଯେପରି ନ ହୁଏ ।

ଯେତେଦିନ ପର୍ଯ୍ୟନ୍ତ ତୁମେ ଏହି ସମ୍ପୂର୍ଣ୍ଣ ସକ୍ରିୟ ଏକତ୍ୱ ସ୍ଥାପନ କରି ନ ପାରିଛ ସେତେଦିନ ପର୍ଯ୍ୟନ୍ତ ତୁମକୁ ମନେ କରିବାକୁ ହେବ ଯେ ତୁମେ ଦେହ ଓ ଆତ୍ମା ନେଇ ସୃଷ୍ଟ ହୋଇଛ ମା'ଙ୍କର ସେବା ନିମିତ୍ତ ଏବଂ ତୁମର ସମସ୍ତ କର୍ମ ହେବ ତାଙ୍କର ପ୍ରୀତ୍ୟର୍ଥେ । ପୃଥକ୍ କର୍ତ୍ତୃତ୍ୱବୋଧ ଯଦି ତୁମ ମଧ୍ୟରେ ପ୍ରବଳ ଥାଏ, ତୁମେ ଯଦି ଅନୁଭବ କର ଯେ ତୁମେ ସ୍ୱୟଂ କର୍ମ କରୁଛ, ତେବେ ବି ସେହି କର୍ମ କରିବ ତାଙ୍କରି ଉଦ୍ଦେଶ୍ୟରେ । ଅହଂକାରର ନିଜ ଅଭିରୁଚି ଉପରେ ସମସ୍ତ ଝୁଙ୍କ୍, ବ୍ୟକ୍ତିଗତ ଯାବତୀୟ ଲାଭର ଲାଳସା, ଆତ୍ମସର୍ବସ୍ୱ ବାସନାର ସମସ୍ତ ପ୍ରତ୍ୟାଶା ସ୍ୱଭାବରୁ ମୂଳୋତ୍ପାଟିତ କରିବାକୁ ହେବ । ଫଳ ନିମିତ୍ତ କୌଣସି ଦାବି, ପୁରସ୍କାର ନିମିତ୍ତ କୌଣସି ଆକାଙ୍କ୍ଷା ରହିବ ନାହିଁ; ଏକମାତ୍ର ତୁମେ ଯେଉଁ ଫଳ ଚାହିଁବ ତାହା ହେଲା ମା ଭଗବତୀଙ୍କର ତୃପ୍ତି, ତାଙ୍କ କର୍ମର ସିଦ୍ଧି, ତୁମର ଏକମାତ୍ର ପୁରସ୍କାର ହେବ ଭାଗବତ ଚେତନାରେ ଶାନ୍ତି, ଶକ୍ତି ଓ ଆନନ୍ଦ ମଧ୍ୟରେ ଅବିରାମ ପ୍ରଗତି । ସେବାର ଆନନ୍ଦ, କର୍ମ ସାହାଯ୍ୟରେ ଆନ୍ତର

ପୁଷ୍ଟିର ଆନନ୍ଦ,— ନିରହଂକାର କର୍ମୀ ପକ୍ଷରେ ଏହାହିଁ ଯଥେଷ୍ଟ ପୁରସ୍କାର।

କିନ୍ତୁ ଏପରି ଦିନ ଆସିବ ଯେତେବେଳେ ତୁମେ କ୍ରମଶଃ ଅନୁଭବ କରିପାରିବ ଯେ ତୁମେ କର୍ମୀ ନୁହଁ, ଯନ୍ତ୍ର। କାରଣ ପ୍ରଥମତଃ ଅନନ୍ୟନିଷ୍ଠା ବଳରେ ମା'ଙ୍କ ସଙ୍ଗରେ ତୁମର ମିଳନ ଏପରି ଘନିଷ୍ଠ ହୋଇଉଠିବ ଯେ ତାଙ୍କର ଆଶୁ ନିର୍ଦ୍ଦେଶ ଓ ପ୍ରେରଣା ସକାଶେ କେବଳ ଏକାଗ୍ର ହୋଇ ତାଙ୍କ ହାତରେ ସର୍ବସ୍ୱ ଅର୍ପଣ କରିବାକୁ ହେବ—କ'ଣ କରିବାକୁ ହେବ, କି ଉପାୟରେ କରିବାକୁ ହେବ ଏବଂ ତା'ର ଫଳ କ'ଣ ହେବ, ଏ ସମସ୍ତର ଅଭ୍ରାନ୍ତ ଇଙ୍ଗିତ ମିଳିବ। ଏହାପରେ ତୁମର ଉପଲବ୍ଧି ହେବ ଯେ ଭାଗବତୀ ଶକ୍ତି କେବଳ ପ୍ରେରଣା ଦିଅନ୍ତି ନାହିଁ, ପଥ ଦେଖାଇ ଚଳାନ୍ତି ନାହିଁ, କିନ୍ତୁ ତୁମ କର୍ମର ପ୍ରବର୍ତ୍ତନ ଓ ଉଦ୍‌ଯାପନ ସେ ହିଁ କରନ୍ତି; ସେ ହିଁ ତୁମର ସମସ୍ତ ଗତିର ଉତ୍ସ, ତୁମର ସମସ୍ତ ଶକ୍ତି ତାଙ୍କର, ତୁମର ମନ-ପ୍ରାଣ-ଦେହ ତାଙ୍କ କ୍ରିୟାର ଆନନ୍ଦମୟ ସଚେତନ ଯନ୍ତ୍ର, ତାଙ୍କ ଲୀଳାର ଉପକରଣ, ସ୍ଥୂଳ ଜଗତରେ ତାଙ୍କର ପ୍ରକାଶର ଆଧାର। ଏହି ଐକ୍ୟ ଓ ନିର୍ଭରତା ଅପେକ୍ଷା ଆଉ କିଛି ଅଧିକ ଆନନ୍ଦଦାୟକ ଅବସ୍ଥା ହୋଇ ନ

ପାରେ। ଏହି ଅବସ୍ଥାରେ ଉନ୍ନୀତ ହେଲେ ଅଜ୍ଞାନର ସଙ୍ଘର୍ଷସଙ୍କୁଳ ବେଦନାମୟ ଜୀବନର ସୀମା ପାର ହୋଇ ଅଧ୍ୟାତ୍ମସତ୍ତାର ସତ୍ୟରେ ତଥା ତାହାର ଗଭୀର ଶାନ୍ତି ଏବଂ ପରମ ଆନନ୍ଦ ମଧ୍ୟରେ ତୁମେ ପ୍ରବେଶ କରିବ।

ଏହି ରୂପାନ୍ତର ହେଉଥିବା ସମୟରେ ତୁମେ ବିଶେଷରୂପେ ଅହଂକାରର ସମସ୍ତ ବିକୃତି-ଦୋଷରୁ ନିଜକୁ ମୁକ୍ତ ରଖିବା ଉଚିତ। ତୁମର ଆତ୍ମଦାନ ଓ ଉତ୍ସର୍ଗର ନିର୍ମଳତାକୁ କୌଣସି ଦାବି, କୌଣସି ଜିଦ୍ ଯେପରି କଳଙ୍କିତ ନ କରେ। କର୍ମ ବା କର୍ମଫଳରେ କୌଣସି ଆସକ୍ତି ରଖିବ ନାହିଁ, ଯେଉଁ ଦିବ୍ୟ ଶକ୍ତି ତୁମକୁ ଅଧିକାର କରିବ, ତାକୁ ତୁମେ ଅଧିକାର କରିବାକୁ ଦାବି କରିବ ନାହିଁ, ଯନ୍ତ୍ର ବୋଲି ଗର୍ବ କରିବ ନାହିଁ, ଆତ୍ମମ୍ଭରିତା ଓ ଔଦ୍ଧତ୍ୟକୁ କୌଣସି ସ୍ଥାନ ଦେବ ନାହିଁ। ତୁମର ମନ, ପ୍ରାଣ, ଶରୀର ମଧ୍ୟରେ ଏପରି କିଛିକୁ ରହିବାକୁ ଦେବ ନାହିଁ ଯାହା ତୁମ ଭିତର ଦେଇ ଯେଉଁ ମହତୀ ଶକ୍ତିରାଜି କାର୍ଯ୍ୟ କରୁଛନ୍ତି, ସେମାନଙ୍କୁ କୌଣସି ପ୍ରକାରେ ନିଜର ବ୍ୟବହାର ପାଇଁ ବିକୃତ କରିପାରେ ବା ନିଜର ବ୍ୟକ୍ତିଗତ ସ୍ୱତନ୍ତ୍ର ତୃପ୍ତି ପାଇଁ ଅଧିକାର କରିପାରେ। ତୁମର ଶ୍ରଦ୍ଧା, ତୁମର ଐକାନ୍ତିକତା, ତୁମର ଆସ୍ପୃହାର ଶୁଦ୍ଧତା ଯେପରି

ପରମ ପରାକାଷ୍ଠା ପ୍ରାପ୍ତ ହୁଏ, ତହିଁରେ ତୁମ ସତ୍ତାର ସକଳ ଭୂମି, ସକଳ ସ୍ତରକୁ ଯେପରି ପରିପୂର୍ଣ୍ଣ କରି ରଖେ। ତା'ହେଲେ ଯେଉଁ ସମସ୍ତ ଉପକରଣ ବିକ୍ଷୋଭ ସୃଷ୍ଟି କରେ, ଯେଉଁ ସବୁ ପ୍ରଭାବ ବିକୃତିକୁ ଜନ୍ମ ଦିଏ, ସେସବୁ କ୍ରମଶଃ ତୁମ ପ୍ରକୃତିରୁ ଦୂର ହୋଇଯିବ।

ଏହି ସିଦ୍ଧିର ଶେଷ ଅବସ୍ଥା ଆସିବ ଯେତେବେଳେ ତୁମେ ମା ଭଗବତୀଙ୍କ ସଙ୍ଗରେ ସମ୍ପୂର୍ଣ୍ଣ ଏକୀଭୂତ ହେବ, ଯେତେବେଳେ ଏ ବୋଧ ତୁମର ରହିବ ନାହିଁ ଯେ ତୁମେ ଏକ ଭିନ୍ନ, ପୃଥକ୍ ସତ୍ତା, ଯନ୍ତ୍ର, ସେବକ ବା କର୍ମୀ; ତୁମେ ଅନୁଭବ କରିବ ଯେ ପ୍ରକୃତରେହିଁ ତୁମେ ମା'ଙ୍କର ସନ୍ତାନ, ତାଙ୍କ ଚେତନା ଓ ଶକ୍ତିର ସନାତନ ଅଂଶ, ସତତ ସେ ତୁମ ମଧ୍ୟରେ ଓ ତୁମେ ତାଙ୍କ ମଧ୍ୟରେ; ତୁମର ସମସ୍ତ ଚିନ୍ତା, ସମସ୍ତ ଦୃଷ୍ଟି, ସମସ୍ତ କର୍ମ, ପ୍ରତି ନିଃଶ୍ୱାସ-ପ୍ରଶ୍ୱାସ, ପ୍ରତ୍ୟେକ ଗତିବୃତ୍ତି ତାଙ୍କଠାରୁ ଆସିଛି, ସେସବୁ ତାଙ୍କରି, —ଏହି ହେବ ତୁମର ସହଜ, ସ୍ୱାଭାବିକ ଓ ନିରବଚ୍ଛିନ୍ନ ଉପଲବ୍ଧି। ତୁମେ ଜାଣିବ, ଦେଖିବ, ଅନୁଭବ କରିବ ଯେ ଜଗନ୍ମାତା ତୁମକୁ ଏକ ବିଶେଷ ବ୍ୟକ୍ତି ଓ ଶକ୍ତିରୂପେ ତାଙ୍କର ନିଜର ସତ୍ତାରୁ ନିଜେହିଁ ଗଢ଼ିଛନ୍ତି, ଲୀଳା ନିମିତ୍ତ ବାହାରକୁ ପ୍ରକଟ କରି

ଧରିଛନ୍ତି, ତେବେ ବି ସର୍ବଦାହିଁ ତୁମେ ତାଙ୍କ ମଧ୍ୟରେ ନିରାପଦରେ ରହିଛ, ତାଙ୍କ ସତ୍ତାର ତୁମେ ସତ୍ତା, ତାଙ୍କରି ଚେତନାର ତୁମେ ଚେତନା, ତାଙ୍କରି ଶକ୍ତିର ତୁମେ ଶକ୍ତି, ତାଙ୍କରି ଆନନ୍ଦର ତୁମେ ଆନନ୍ଦ। ଯେତେବେଳେ ଏହି ଅବସ୍ଥା ତୁମ ମଧ୍ୟରେ ପୂର୍ଣ୍ଣାଙ୍ଗତା ପ୍ରାପ୍ତ ହେବ, ଯେତେବେଳେ ତାଙ୍କର ଅତିମାନସ ତେଜୋରାଜି ତୁମକୁ ଅବାଧରେ ପରିଚାଳିତ କରିପାରିବ, ସେତେବେଳେ ହେବ ଦିବ୍ୟ କର୍ମରେ ତୁମର ସର୍ବାଙ୍ଗସୁନ୍ଦର ସିଦ୍ଧି; ଜ୍ଞାନ, ସଂକଳ୍ପ, କର୍ମ ହେବ ଅଭ୍ରାନ୍ତ, ସରଳ, ଜ୍ୟୋତିର୍ମୟ, ସ୍ୱତଃସ୍ଫୂର୍ତ୍ତ, ନିର୍ଦ୍ଦୋଷ—ପରମେଶ୍ୱରଙ୍କଠାରୁ ଉତ୍ସାରିତ ଏକ ପ୍ରବାହ, ଶାଶ୍ୱତଙ୍କର ଏକ ଦିବ୍ୟ ଗତି।

## ୨

ମା'ଙ୍କର ଯେଉଁ ଚାରୋଟି ଶକ୍ତି, ତାଙ୍କର ଯେଉଁ ଚାରୋଟି ପ୍ରଧାନ ବ୍ୟକ୍ତି-ରୂପ, ତାହା ତାଙ୍କ ଦିବ୍ୟ ସ୍ୱରୂପର ଅଂଶ ଓ ବିଗ୍ରହ। ଏମାନଙ୍କ ମଧ୍ୟଦେଇ ମା ତାଙ୍କ ସନ୍ତାନମାନଙ୍କ ଉପରେ କାର୍ଯ୍ୟ କରନ୍ତି ; ଭୁବନ ଭୁବନରେ, ତାଙ୍କର ସୃଷ୍ଟି ମଧ୍ୟରେ ଶୃଙ୍ଖଳା ଓ ସାମଞ୍ଜସ୍ୟ ବିଧାନ କରନ୍ତି ; ତାଙ୍କର ସହସ୍ର ଶକ୍ତିକୁ ନିଜର ଯଥାଯଥ କର୍ମ ଧାରାରେ ନିୟନ୍ତ୍ରିତ କରନ୍ତି। କାରଣ ମା' ହେଲେ ଏକ, ତେବେ ସେ ଆମ୍ଭମାନଙ୍କ ସମ୍ମୁଖରେ ନାନାରୂପରେ ଆବିର୍ଭୂତା ହୁଅନ୍ତି, ତାଙ୍କର ବହୁ ଶକ୍ତି ଓ ମୂର୍ତ୍ତି, ତାଙ୍କର ବହୁ ପ୍ରକାଶ ଓ ବିଭୂତି—ଏହି ସକଳହିଁ ତାଙ୍କର କାର୍ଯ୍ୟ ବିଶ୍ୱରେ ସମ୍ପନ୍ନ କରୁଛନ୍ତି। ଯେଉଁ ଅଦ୍ୱିତୀୟାଙ୍କୁ ମା ବୋଲି ଆମ୍ଭେମାନେ ପୂଜା କରୁ, ସେ ହେଲେ ବିଶ୍ୱସତ୍ତାର ଅଧିଷ୍ଠାତ୍ରୀ, ଭାଗବତୀ ଚିତ୍‌ଶକ୍ତି। ସେ ଏକ ଅଥଚ ସେ ଏପରି ବହୁରୂପୀ ଯେ,

ତାଙ୍କର ଗତି ଅନୁସରଣ କରି ଚାଲିବା ଅତି କ୍ଷିପ୍ର ମନ ବା ସର୍ବତୋଭାବେ ମୁକ୍ତ ଚରମ ବ୍ୟାପକ ବୁଦ୍ଧିପକ୍ଷେ ବି ଅସମ୍ଭବ। ମା ହେଲେ ପରମେଶ୍ୱରଙ୍କର ଚେତନା ଓ ଶକ୍ତି, ନିଜର ଯାବତୀୟ ସୃଷ୍ଟିର ବହୁ ଊର୍ଦ୍ଧ୍ୱରେ ସେ। ବିଶେଷ ବିଗ୍ରହସବୁର ମଧ୍ୟଦେଇ ଏବଂ ସେ ଯେଉଁ ନାନା ଦେବୀ-ମୂର୍ତ୍ତି ଧରି ସୃଷ୍ଟ ଜୀବର କଲ୍ୟାଣ ନିମିତ୍ତ କୃପା କରି ନିଜକୁ ସେମାନଙ୍କ ପାଖରେ ପ୍ରକାଶ କରିଛନ୍ତି, ସେହି ସକଳ ମଧ୍ୟ ଦେଇ ତାଙ୍କର ଗତିବିଧି ଆମ୍ଭେମାନେ କିଛି ଦେଖିପାରୁ ଓ ଅନୁଭବ କରିପାରୁ, କାରଣ ଏହିସବୁ ଅପେକ୍ଷାକୃତ ସହଜଗ୍ରାହ୍ୟ — ଏହିସବୁର ଗୁଣ ଓ କ୍ରିୟା ଅଧିକତର ନିର୍ଦ୍ଦିଷ୍ଟ ଓ ସୀମାବଦ୍ଧ।

ମା'ଙ୍କ ସତ୍ତାର ତିନୋଟି ଧାରା — ବିଶ୍ୱାତୀତ, ବିଶ୍ୱଗତ ଓ ବ୍ୟଷ୍ଟିଗତ। ଆମ୍ଭମାନଙ୍କୁ ଓ ବ୍ରହ୍ମାଣ୍ଡକୁ ଯେଉଁ ଚିନ୍ମୟୀ ଶକ୍ତି ଧାରଣ କରି ରହିଛନ୍ତି, ତାଙ୍କ ସହିତ ଯେତେବେଳେ ତୁମେ ଏକାତ୍ମତାର ସ୍ପର୍ଶ ଲାଭ କରିବ, ସେତେବେଳେ ତୁମେ ଏହି ଜ୍ଞାନ ପ୍ରାପ୍ତ ହେବ। ପ୍ରଥମତଃ ସେ ବିଶ୍ୱାତୀତା, ଆଦ୍ୟା ପରାଶକ୍ତି, ସକଳ ଭୁବନର ଊର୍ଦ୍ଧ୍ୱରୁ ପରମବ୍ରହ୍ମଙ୍କର ଚିର-ଅବ୍ୟକ୍ତ ରହସ୍ୟ ସହିତ ସୃଷ୍ଟିର ସଂଯୋଗ ସ୍ଥାପନ କରନ୍ତି। ଦ୍ୱିତୀୟତଃ ସେ ବିଶ୍ୱବ୍ୟାପିନୀ,

ବିଶ୍ୱରୂପିଣୀ ମହାଶକ୍ତି — ଏହି ଯାବତୀୟ ସତ୍ତା ସୃଷ୍ଟି କରିଛନ୍ତି, ଏହି ଅନନ୍ତ କୋଟି କ୍ରିୟା-ପ୍ରକ୍ରିୟା ଓ ଶକ୍ତିକୁ ନିଜ ଭିତରେ ଧାରଣ କରିଛନ୍ତି, ସେ ସବୁର ମଧ୍ୟରେ ସ୍ୱୟଂ ପ୍ରବେଶ କରିଛନ୍ତି, ସେ ସବୁକୁ ପୋଷଣ କରୁଛନ୍ତି ଓ ଚାଳନା କରୁଛନ୍ତି। ତୃତୀୟତଃ ସେ ବ୍ୟକ୍ତିସ୍ୱରୂପା ; ତାଙ୍କର ଏହି ରୂପ ବିଶ୍ୱାତୀତ ଓ ବିଶ୍ୱଗତ, ଏହି ଦୁଇ ବୃହତ୍ତର ଭାବକୁ ସଶରୀରେ ଆମ୍ଭମାନଙ୍କ ପାଖରେ ଜୀବନ୍ତ ଓ ଗୋଚର କରି ଧରିଛି। ସେ ହୋଇଛନ୍ତି ମାନବ-ଆଧାର ଓ ଦିବ୍ୟ ପ୍ରକୃତି ମଧ୍ୟରେ ସେତୁ।

ଆଦ୍ୟା ଅଦ୍ୱିତୀୟା ପରାଶକ୍ତିରୂପେ ମା ସକଳ ସୃଷ୍ଟିର ଉପରେ ତାଙ୍କର ସନାତନ ଚେତନା ମଧ୍ୟରେ ପୁରୁଷୋତ୍ତମଙ୍କୁ ଧାରଣ କରି ରହିଛନ୍ତି। ଏକମାତ୍ର ସେ ହିଁ ଲୋକାତୀତ ଶକ୍ତିକୁ, ଅନିର୍ବଚନୀୟ ସତ୍ତାକୁ ନିଜ ଗର୍ଭରେ ଧରିଛନ୍ତି; ଏବଂ ଯେଉଁ ସକଳ ସତ୍ୟକୁ ବ୍ୟକ୍ତ କରିବାକୁ ହେବ ସେସବୁକୁ ମଧ୍ୟ ସେ ବହନ କରନ୍ତି ବା ଆହ୍ୱାନ କରି ନେଇ ଆସନ୍ତି। ସେ ନିଜର ଅଖଣ୍ଡ ଚେତନାର ଆଲୋକରେ ସେହିସବୁ ସତ୍ୟକୁ ଯାହା ପରମ ରହସ୍ୟ ମଧ୍ୟରେ ଗୋପନରେ ଅବସ୍ଥିତ, ତାହାକୁ ଉତାରି ଆଣି ନିଜର ସର୍ବଜୟୀ ଶକ୍ତି ଏବଂ ଅସୀମ ପ୍ରାଣଧାରାରେ

ଢାଳି, ଗୋଟିଏ ଗୋଟିଏ ବିଶେଷ ରୂପ, ବିଶ୍ୱଲୀଳାରେ ଗୋଟିଏ ଗୋଟିଏ ମୂର୍ତ୍ତ ଆକାର ଦେଇଛନ୍ତି। ତାଙ୍କ ମଧ୍ୟରେ ପୁରୁଷୋତ୍ତମ ଶାଶ୍ୱତ ସଚ୍ଚିଦାନନ୍ଦରୂପେ ନିତ୍ୟ ପ୍ରକଟ ହୋଇଛନ୍ତି। ସେହି ସଚ୍ଚିଦାନନ୍ଦ ତାଙ୍କୁ ଆଶ୍ରୟ କରି ଦ୍ୱୈତାଦ୍ୱୈତ ଚେତନାରୂପେ ଈଶ୍ୱର ଓ ଶକ୍ତି ଏବଂ ଦ୍ୱୈତତତ୍ତ୍ୱ ରୂପେ ପୁରୁଷ ଓ ପ୍ରକୃତି ଭାବରେ ସକଳ ଜଗତରେ ଅଭିବ୍ୟକ୍ତ ହୋଇଛନ୍ତି, ଆଉ ତାଙ୍କରି ସାହାଯ୍ୟରେ ପୁଣି ସକଳ ଭୁବନ, ଲୋକ, ଦେବତାମାନଙ୍କ ମଧ୍ୟରେ ଓ ଦେବଶକ୍ତିରେ ସେ ସ୍ୱୟଂ ସଶରୀରୀ ହୋଇଛନ୍ତି। ଏହି ଜ୍ଞାତ ଜଗତ ଏବଂ ଅନ୍ୟାନ୍ୟ ଅଜ୍ଞାତ ଜଗତରେ ଯାହାକିଛି ଅଛି, ମା'ଙ୍କ ସହାୟତାରେ ସେହି ପରମପୁରୁଷ ତହିଁରେ ମୂର୍ତ୍ତ ହୋଇଛନ୍ତି। ସବୁହିଁ ହେଲା ପୁରୁଷୋତ୍ତମଙ୍କ ସହିତ ତାଙ୍କର ଲୀଳା ; ଶାଶ୍ୱତଙ୍କର ଯେତେ ରହସ୍ୟ, ଅସୀମର ଯେତେ ଅଲୌକିକ କାର୍ଯ୍ୟାବଳୀ, ସେସବୁକୁ ସେ ପ୍ରକାଶ କରି ଚାଲିଛନ୍ତି। ସକଳ ଦୃଶ୍ୟମାନ ବସ୍ତୁ ହେଲା ତାଙ୍କରି ପ୍ରକାଶ। ସବୁହିଁ ହେଲେ ସେ, କାରଣ ସକଳହିଁ ଭଗବତ୍ ଚିତ୍‌ଶକ୍ତିର ଅଂଶ ଓ ଅଚ୍ଛେଦ୍ୟ ଅଙ୍ଗ। ଏଠାରେ ହେଉ ବା ଅନ୍ୟ କେଉଁଠାରେ ହେଉ, ତାଙ୍କ ନିର୍ଦ୍ଦେଶ ଓ ପରମେଶ୍ୱରଙ୍କ ଅନୁମତି ବ୍ୟତିରେକେ କିଛି ବି ଘଟେ ନାହିଁ ; ପରମେଶ୍ୱରଙ୍କ

ପ୍ରେରଣାରେ ଚାଳିତ ହୋଇ ଦିବ୍ୟ ଦୃଷ୍ଟିରେ ଯାହା ସେ ଦେଖନ୍ତି ଏବଂ ନିଜ ସୃଷ୍ଟିର ଆନନ୍ଦରେ ଯାହାକୁ ଗଢ଼ିବା ନିମିତ୍ତ ପ୍ରଥମେ ବୀଜାକାରରେ ଢାଳିଥା'ନ୍ତି, କେବଳ ତାହାହିଁ ରୂପ ଗ୍ରହଣ କରେ।

ମା' ତାଙ୍କର ବିଶ୍ୱାତୀତ ଚେତନା ମଧ୍ୟଦେଇ ପରମେଶ୍ୱରଙ୍କଠାରୁ ଯାହା କିଛି ଉତାରି ଆଣନ୍ତି ବିଶ୍ୱେଶ୍ୱରୀ ମହାଶକ୍ତି ରୂପେ ତାହାକୁ ଅଭିବ୍ୟକ୍ତ କରନ୍ତି ଏବଂ ଯେଉଁସବୁ ଜଗତ ସେ ଗଢ଼ିଛନ୍ତି, ତାହା ମଧ୍ୟରେ ଅନୁପ୍ରବିଷ୍ଟ ହୁଅନ୍ତି, ତାଙ୍କରି ଉପସ୍ଥିତି ସକଳ ଜଗତକୁ ଦିବ୍ୟ ସତ୍ତା, ବିଶ୍ୱପରିପୋଷକ ଦିବ୍ୟଶକ୍ତି ଓ ଆନନ୍ଦରେ ପୂର୍ଣ୍ଣ କରି ଧାରଣ କରିଛି; ଯାହାର ଅଭାବରେ ସେହି ଜଗତସକଳର ଅସ୍ତିତ୍ୱ ବି ଅସମ୍ଭବ। ଯାହାକୁ ଆମ୍ଭେମାନେ ପ୍ରକୃତି ନାମ ଦେଉ ତାହା ତାଙ୍କର ବାହ୍ୟତମ ବ୍ୟାବହାରିକ ରୂପ; ସେ ନିଜର ବଳ ଓ ପ୍ରକ୍ରିୟାସକଳକୁ ସୁସଙ୍ଗତ ଓ ସୁସମ୍ବଦ୍ଧ କରି ସଜାଇ ରଖିଛନ୍ତି, ପ୍ରକୃତିର ସକଳ କ୍ରିୟାଧାରାକୁ ପରିଚାଳିତ କରୁଛନ୍ତି, ଆମେ ଯାହାକିଛି ଦେଖୁ ବା ଅନୁଭବ କରୁ, ଅଥବା ଜୀବନରେ ଯାହାକିଛି କର୍ମ କରୁ, ସେସବୁ ମଧ୍ୟରେ ଗୁପ୍ତ ଭାବରେ ହେଉ ବା ବ୍ୟକ୍ତ ଭାବରେ ହେଉ ସେ ହିଁ କ୍ରିୟା କରନ୍ତି। ଗୋଟିଏ ଗୋଟିଏ ବ୍ରହ୍ମାଣ୍ଡ

ଅଥବା ଭୁବନସମଷ୍ଟିର ଅଧିଷ୍ଠାତ୍ରୀ ମହାଶକ୍ତିରୂପେ ସେହି ବିଶ୍ୱାତୀତା ମାତା ତାଙ୍କର ବିଶ୍ୱଭୂତା ସତ୍ତା ଓ ବ୍ୟକ୍ତିତ୍ୱ ସହ ପ୍ରକଟ ହୋଇଛନ୍ତି — ଏହି ମହାଶକ୍ତିର ଗୋଟିଏ ଗୋଟିଏ ଖଣ୍ଡଲୀଳା ହେଲା ଗୋଟିଏ ଗୋଟିଏ ଭୁବନ। ପ୍ରତ୍ୟେକଟି ଭୁବନ ଏପରି କିଛି ବସ୍ତୁ ଯାହା ସେ ତାଙ୍କର ଦିବ୍ୟ ଦୃଷ୍ଟିରେ ଦେଖିଛନ୍ତି, ତାଙ୍କରି ସୌନ୍ଦର୍ଯ୍ୟ ଓ ଶକ୍ତିର ହୃଦୟରେ ଧାରଣ କରିଛନ୍ତି ଓ ତାଙ୍କରି ଆନନ୍ଦରେ ସୃଷ୍ଟି କରିଛନ୍ତି।

କିନ୍ତୁ ମା'ଙ୍କ ସୃଷ୍ଟିରେ ବହୁ ଭୂମି ଅଛି ଏବଂ ଭାଗବତୀ ଶକ୍ତିର ବହୁ ସୋପାନ ଅଛି। ଯେଉଁ ବ୍ୟକ୍ତ ସୃଷ୍ଟିର ଆମ୍ଭେମାନେ ହେଉଛୁ ଏକ ଅଂଶ, ତାହାର ଶିଖରରେ ରହିଛି ଅନନ୍ତ ସତ୍ତା, ଚେତନ ଶକ୍ତି ଓ ଆନନ୍ଦର ଲୋକସକଳ, ସେସବୁର ଉପରେ ମା' ଅନାବୃତ ଶାଶ୍ୱତ ଶକ୍ତିରୂପେ ଛିଡ଼ାହୋଇ ରହିଛନ୍ତି। ସକଳ ସତ୍ତା ସେଠାରେ ଏକ ଅନିର୍ବଚନୀୟ ପୂର୍ଣ୍ଣତା, ଅପରିବର୍ତ୍ତନୀୟ ଏକତ୍ୱ ମଧ୍ୟରେ ବାସ-ବିହାର କରନ୍ତି; କାରଣ ମା' ହିଁ ସେଠାରେ ସବୁକିଛିକୁ ଚିରକାଳ ତାଙ୍କର କୋଳରେ ନିରାପଦରେ ବହନ କରି ଚାଲୁଛନ୍ତି। ଏହି ସକଳ ଲୋକ ଅପେକ୍ଷା ଆମ୍ଭମାନଙ୍କର ଆହୁରି ନିକଟରେ ରହିଛି ଏକ ପରିପୂର୍ଣ୍ଣ ଅତିମାନସ ସୃଷ୍ଟିର ଜଗତସକଳ — ସେଠାରେ ମା' ଅତିମାନସ ମହାଶକ୍ତି,

ଦିବ୍ୟ ସର୍ବଜ୍ଞାନମୟୀ ଇଚ୍ଛା ଏବଂ ସର୍ବଶକ୍ତିମୟ ଜ୍ଞାନର ଆଧାର, ସେହି ଶକ୍ତି ନିଜର ଅଭ୍ରାନ୍ତ କ୍ରିୟାଧାରାରେ ନିତ୍ୟ-ପ୍ରକଟ ଏବଂ ପ୍ରତ୍ୟେକ କ୍ରିୟାରେ ସ୍ୱତଃସ୍ଫୂର୍ତ୍ତ ଭାବରେ ନିଖୁଣ। ସେଠାରେ ସକଳ ଗତିଧାରା ସତ୍ୟର ପଦକ୍ଷେପ, ସକଳ ସତ୍ତା ତାଙ୍କ ଦିବ୍ୟ ଜ୍ୟୋତିର ବିବିଧ ଶରୀର, ଶକ୍ତି ଓ ଆତ୍ମା; ସେଠାରେ ସକଳ ଉପଲବ୍ଧି ତୀବ୍ର ଅମିଶ୍ର ଆନନ୍ଦ-ସାଗର ଏବଂ ପରିପ୍ଲାବନ ଓ ତରଙ୍ଗମାଳା। କିନ୍ତୁ ଆମ୍ଭେମାନେ ଯେଉଁ ବିଶ୍ୱରେ ବାସ କରୁ, ସେଠାରେ ମନ-ପ୍ରାଣ-ଶରୀରର ଅଜ୍ଞାନ ଜଗତସକଳ ବିଦ୍ୟମାନ — ଏହି ଜଗତସକଳ ନିଜ ଚେତନାରେ ମୂଳ ଉତ୍ସରୁ ବିଚ୍ଛିନ୍ନ ହୋଇଛି — ତଥାପି ଏହି ପୃଥିବୀହିଁ ହେଲା ଏହିସବୁ ଅଜ୍ଞାନ ଜଗତ ମଧ୍ୟରେ ଏକ ଅର୍ଥପୂର୍ଣ୍ଣ କେନ୍ଦ୍ର, ଏବଂ ଏହାର କ୍ରମବିବର୍ତ୍ତନର ଧାରା ସଙ୍କଟପୂର୍ଣ୍ଣ। କିନ୍ତୁ ଏହାକୁ ମଧ ଏହାର ସକଳ ଅଜ୍ଞାନ, ସଂଗ୍ରାମ, ଅପୂର୍ଣ୍ଣତା ସହ ବିଶ୍ୱମାତା ଧାରଣ କରିଛନ୍ତି; ଏହାକୁ ବି ତାହାର ଗୋପନ ଲକ୍ଷ୍ୟ ଆଡ଼କୁ ସେହି ମହାଶକ୍ତି ପ୍ରଣୋଦିତ ଏବଂ ପରିଚାଳିତ କରୁଛନ୍ତି।

ଅଜ୍ଞାନର ଏହି ତ୍ରିଧା ଜଗତରେ ମା ମହାଶକ୍ତିରୂପେ ଗୋଟିଏ ମଧ୍ୟବର୍ତ୍ତୀ ଲୋକରେ ଛିଡ଼ା ହୋଇଛନ୍ତି, ତାଙ୍କର

ଗୋଟିଏ ଦିଗରେ ରହିଛି ଅତିମାନସ ଜ୍ୟୋତିଃ, ସତ୍ୟାତ୍ମକ ଜୀବନ, ସତ୍ୟାତ୍ମକ ସୃଷ୍ଟି ଯାହାକୁ ଏଠାରେ ଉତାରି ଆଣିବାକୁ ହେବ ; ଆଉ ଗୋଟିଏ ଦିଗରେ ଅଛି ଊର୍ଦ୍ଧ୍ୱଗାମୀ ଓ ନିମ୍ନଗାମୀ ଚେତନାର ଶ୍ରେଣୀବଦ୍ଧ ଲୋକସକଳ, ଯାହା ଶିଡ଼ି ସଦୃଶ ଅବତରଣ କରିଛି ଜଡ଼ର ନିଶ୍ଚେତନା ମଧ୍ୟରେ, ଏବଂ ତାହାହିଁ ପ୍ରାଣ-ମନ-ହୃଦୟର ପରିସ୍ଫୁରଣକୁ ଆଶ୍ରୟ କରି ପୁନଶ୍ଚ ଶିଡ଼ି ତୁଲ୍ୟ ଆରୋହଣ କରିଛି ପରମାତ୍ମାଙ୍କ ଆନନ୍ତ୍ୟ ମଧ୍ୟରେ। ଦେବତାମାନଙ୍କ ଊର୍ଦ୍ଧ୍ୱରେ ଅଧିଷ୍ଠିତ ରହି ସେ ଯାହା ଦେଖନ୍ତି, ଅନୁଭବ କରନ୍ତି ଏବଂ ନିଜ ମଧ୍ୟରୁ ଯାହା ଉଚ୍ଚାରିତ କରନ୍ତି, ସେହି ଅନୁସାରେ ଏହି ବିଶ୍ୱ ଏବଂ ପାର୍ଥିବ ପରିଣାମଧାରା ନିୟନ୍ତ୍ରିତ ହୁଏ ; ସେଠାରୁ ତାଙ୍କର ସକଳ ଶକ୍ତି ଓ ବିଗ୍ରହକୁ କର୍ମ ନିମିତ୍ତ ସମ୍ମୁଖରେ ଆଣି ସ୍ଥାପିତ କରିଛନ୍ତି ଏବଂ ତାଙ୍କଠାରୁ ନିଃସୃତ କିରଣରାଜି ବା ସମ୍ଭୂତିକୁ ଏହି ନିମ୍ନତର ଭୂମିସକଳରେ ଶକ୍ତିପ୍ରୟୋଗ, ଶାସନ, ଯୁଦ୍ଧ ଓ ଜୟଲାଭ କରିବାକୁ, ଏଠାରେ ଯୁଗ-ଚକ୍ରର ଆବର୍ତ୍ତନ ଓ ପରିଚାଳନ କରିବାକୁ, ଶକ୍ତିରାଜିର ସମଷ୍ଟିଗତ ଓ ବ୍ୟଷ୍ଟିଗତ ଧାରାସକଳକୁ ନିୟନ୍ତ୍ରିତ କରିବାକୁ ପଠାଇ ଦେଇଛନ୍ତି। ଏହିସବୁ ସମ୍ଭୂତି ହେଲା ମା'ଙ୍କର ବିବିଧ ଦିବ୍ୟରୂପ ଓ ଦିବ୍ୟବିଗ୍ରହ, ଏବଂ ଏହା ଭିତର ଦେଇ

ମାନବ ଯୁଗେ ଯୁଗେ ଭିନ୍ନ ଭିନ୍ନ ନାମରେ ତାଙ୍କରି ପୂଜା କରି ଆସିଛି। ପୁଣି ଏହି ସକଳ ଶକ୍ତି ଓ ତାଙ୍କର ସମ୍ମତିକୁ ଆଶ୍ରୟ କରି ମା ଯେପରି ତାଙ୍କ ନିଜ ବିଭୂତିସକଳର ଶରୀର ଓ ମନକୁ ପ୍ରସ୍ତୁତ କରନ୍ତି ବା ଗଢ଼ନ୍ତି, ସେହିପରି ଈଶ୍ୱରଙ୍କର ବିଭୂତି ପାଇଁ ଶରୀର ଓ ମନ ଗଢ଼ନ୍ତି, — ତାଙ୍କର ଉଦ୍ଦେଶ୍ୟ ଏହି ଯେ ସ୍ଥୂଳ ଜଗତରେ ମାନବୀୟ ଚେତନାର ଛଦ୍ମବେଶ ମଧ୍ୟରେ ସେ ଯେପରି ତାଙ୍କର ଶକ୍ତି, ତାଙ୍କର ଧର୍ମ ଓ ତାଙ୍କର ସତ୍ତାର କିଛି ଆଲୋକ ପ୍ରକାଶ କରିପାରନ୍ତି। ପାର୍ଥିବ ଲୀଳାର ଯାବତୀୟ ଦୃଶ୍ୟ ଗୋଟିଏ ନାଟକ ପରି ତାଙ୍କ ଦ୍ୱାରା ସୁକଳ୍ପିତ, ସୁବିନ୍ୟସ୍ତ ଏବଂ ସୁଅଭିନୀତ ହୋଇଚାଲିଛି ଏବଂ ବିଶ୍ୱଦେବତାମାନେ ତାଙ୍କର ସହକର୍ମୀ ଏବଂ ସେ ସ୍ୱୟଂ ସେଠାରେ ପ୍ରଚ୍ଛନ୍ନ ଅଭିନେତା।

ମା କେବଳ ଉପରୁ ବିଶ୍ୱକୁ ଶାସନ କରନ୍ତି ନାହିଁ, ବରଂ ସେ ଏହି ତ୍ରିବିଧ ନିମ୍ନତର ଜଗତ ମଧ୍ୟରେ ଉତରି ଆସନ୍ତି। ତାଙ୍କର ନୈର୍ବ୍ୟକ୍ତିକ ସତ୍ତା ଦିଗରୁ ଦେଖିଲେ ଅଜ୍ଞାନର ସକଳ ବୃତ୍ତି, ଯାବତୀୟ ବସ୍ତୁ ପର୍ଯ୍ୟନ୍ତ ହେଲେ ସେହି ମା ; ତେବେ ଏଠାରେ ତାଙ୍କ ଶକ୍ତି ଆବୃତ, ସକଳହିଁ ତାଙ୍କର ସୃଷ୍ଟି, କିନ୍ତୁ ସେହି ସୃଷ୍ଟିତତ୍ତ୍ୱ ଏଠାରେ ବିକୃତ ହୋଇଛି — ତଥାପି ସେସବୁ ତାଙ୍କରି ପ୍ରକୃତି-ଦେହ

ଓ ପ୍ରକୃତି-ଶକ୍ତି ଏବଂ ଏହିସବୁ ରହିଛି କାରଣ ପରମେଶ୍ୱରଙ୍କର ଗୋଟିଏ ରହସ୍ୟମୟ ଆଦେଶ ତାଙ୍କ ମଧ୍ୟସ୍ଥ ସମ୍ଭାବନାରାଜିର କେତେକ ଧାରା ପ୍ରକାଶ କରିବା ନିମିତ୍ତ ସେସବୁକୁ ପରିଚାଳିତ କରୁଛନ୍ତି ଏବଂ ସେହି ଉଦ୍ଦେଶ୍ୟରେ ଏହି ମହାଯଜ୍ଞରେ ସେ (ମା) ଆତ୍ମବଳି ଦେବାକୁ ସମ୍ମତ ହୋଇଛନ୍ତି, ଏବଂ ଅଜ୍ଞାନର ରୂପ ଓ ତତ୍ତ୍ୱକୁ ମୁଖା ସଦୃଶ ପରିଧାନ କରିଛନ୍ତି। ତାହାଛଡ଼ା ବ୍ୟକ୍ତିକ ସତ୍ତାରେ ସେ କରୁଣାବଶ ହୋଇ ଉତରି ଆସିଛନ୍ତି ଅଜ୍ଞାନ ମଧ୍ୟରେ ଯଦ୍ଦ୍ୱାରା ଅଜ୍ଞାନକୁ ଜ୍ୟୋତିଃ ଆଡ଼କୁ ନେଇଯାଇ ପାରନ୍ତି ଏବଂ ଆସିଛନ୍ତି ଏହି ମିଥ୍ୟା ଓ ପ୍ରମାଦ ମଧ୍ୟକୁ ଯଦ୍ଦ୍ୱାରା ମିଥ୍ୟା ଓ ପ୍ରମାଦକୁ ସତ୍ୟରେ ପରିଣତ କରି ପାରନ୍ତି, ଆସିଛନ୍ତି ଏହି ମୃତ୍ୟୁ ମଧ୍ୟରେ ଯଦ୍ଦ୍ୱାରା ମୃତ୍ୟୁକୁ ଦେବଜୀବନରେ ରୂପାନ୍ତରିତ କରିପାରନ୍ତି ; ଆସିଛନ୍ତି ଏହି ବିଶ୍ୱବେଦନା ଓ ତାହାର ଦୁରପନେୟ ଦୁଃଖଯନ୍ତ୍ରଣା ମଧ୍ୟରେ ଯଦ୍ଦ୍ୱାରା ତାଙ୍କର ପରମ ଆନନ୍ଦର ରୂପାନ୍ତରକାରୀ ଆବେଗରେ ବେଦନା-ଯନ୍ତ୍ରଣାର ଅବସାନ କରି ପାରନ୍ତି। ସେ ସନ୍ତାନମାନଙ୍କ ପ୍ରତି ଗଭୀର ଓ ବିପୁଳ ସ୍ନେହବଶରେ ଏହି ତମସାର ଆବରଣକୁ ପରିଧାନ କରିବାକୁ ସମ୍ମତ ହୋଇଛନ୍ତି ; ଅଜ୍ଞାନ ଓ ମିଥ୍ୟାଶକ୍ତିରାଜିର ଆକ୍ରମଣ ଓ

ସେସବୁର ପୀଡ଼ାଦାୟକ ପ୍ରଭାବକୁ କୃପା କରି ସହ୍ୟ କରିବାକୁ ସ୍ୱୀକୃତ ହୋଇଛନ୍ତି, ଜନ୍ମମୃତ୍ୟୁର ତୋରଣକୁ ପାର ହୋଇ ଚାଲିଆସିଛନ୍ତି, ସୃଷ୍ଟିର ଯେତେ ଦୁଃଖ-ଯନ୍ତ୍ରଣା ଓ ବେଦନା, ସମସ୍ତ ନିଜ ଉପରେ ଗ୍ରହଣ କରିଛନ୍ତି – କାରଣ ମନେହୁଏ ଏହାହିଁ ଏକମାତ୍ର ପନ୍ଥା, ଯଦ୍ୱାରା ସୃଷ୍ଟିକୁ ଜ୍ୟୋତିଃ, ଆନନ୍ଦ ଓ ସତ୍ୟର ଅନ୍ତର୍ଜୀବନ ମଧ୍ୟରେ ଉନ୍ନୀତ କରା ଯାଇପାରେ। ଏହି ଯେଉଁ ବିରାଟ ଆତ୍ମବଳି, ସମୟ ସମୟରେ ଏହାର ନାମ ଦିଆ ହୋଇଛି ପୁରୁଷ-ଯଜ୍ଞ – କିନ୍ତୁ ଗଭୀରତର ଅର୍ଥରେ ଏହାକୁ କୁହାଯାଏ ପ୍ରକୃତିର ଯଜ୍ଞ, -- ଭାଗବତୀ ମା'ଙ୍କର ନିଃଶେଷରେ ଆତ୍ମବଳି।

ମା'ଙ୍କର ଚାରୋଟି ମହାରୂପ, ଚାରୋଟି ମୁଖ୍ୟ ଶକ୍ତି ଓ ବିଗ୍ରହ ସମ୍ମୁଖରେ ରହି ଏହି ବିଶ୍ୱକୁ ପରିଚାଳନା କରନ୍ତି ଏବଂ ପାର୍ଥିବ ଲୀଳାରେ କାର୍ଯ୍ୟ କରନ୍ତି। ପ୍ରଥମ ବିଗ୍ରହ ହେଲା – ପ୍ରଶାନ୍ତ ବିଶାଳତା, ସର୍ବବ୍ୟାପକ ଜ୍ଞାନ, ସ୍ଥିର ମଙ୍ଗଳମୟତା, ଅଫୁରନ୍ତ କରୁଣା, ଅତୁଳ ଏବଂ ଅଦ୍ୱିତୀୟ ମହିମା, ସର୍ବଶାସକ ମହତ୍ତ୍ୱ। ଦ୍ୱିତୀୟ ବିଗ୍ରହ ହେଲା – ତାଙ୍କର ଭାସ୍ୱର ବୀର୍ଯ୍ୟ ଓ ଅଦମ୍ୟ ଆବେଗ, ତାଙ୍କର ଯୋଦ୍ଧୃଭାବ, ତାଙ୍କର ସର୍ବଜୟୀ ସଙ୍କଳ୍ପ, ତାଙ୍କର ପ୍ରଖର କ୍ଷିପ୍ରତା ଆଉ ପ୍ରଳୟଙ୍କର ପ୍ରତାପ। ତାଙ୍କର ତୃତୀୟ

ବିଗ୍ରହଟି ହେଲା – କାନ୍ତିମୟ, ମାଧୁର୍ଯ୍ୟମୟ, ଆଶ୍ଚର୍ଯ୍ୟମୟ ; ସେଥିରେ ଅଛି ମା'ଙ୍କର ସୌନ୍ଦର୍ଯ୍ୟ, ସୁସଙ୍ଗତି ଓ ସୁଚାରୁ ଛନ୍ଦର ପ୍ରଗାଢ଼ ରହସ୍ୟ, ବିଚିତ୍ର ସୁକୁମାର ବୈଭବ, ଦୁର୍ବାର ଆକର୍ଷଣ, ମୋହିନୀ ମାଧୁରିମା। ମା'ଙ୍କର ଚତୁର୍ଥ ବିଗ୍ରହଟି ହେଲା – ଅନ୍ତରଙ୍ଗ ଗଭୀର ଜ୍ଞାନ ତଥା ନିପୁଣ ନିର୍ଦ୍ଦୋଷ କର୍ମ ଓ ସକଳ ବସ୍ତୁକୁ ପ୍ରଶାନ୍ତି ଏବଂ ନିର୍ଦ୍ଦିଷ୍ଟ ପୂର୍ଣ୍ଣତା ପ୍ରଦାନର ଏକ ନିବିଡ଼ ଗଭୀର ସାମର୍ଥ୍ୟରେ ବିଭୂଷିତ। ଜ୍ଞାନ, ବଳ, ସଙ୍ଗତି, ପୂର୍ଣ୍ଣତା, – ଏହିସବୁ ହେଲା ସେମାନଙ୍କର ବିଭିନ୍ନ ଗୁଣ। ଏହି ଶକ୍ତିଗୁଡ଼ିକୁ ସେମାନଙ୍କ ବିଭୂତିସକଳ ମଧ୍ୟରେ ପ୍ରକାଶ କରିବା ସକାଶେ ମାନବୀୟ ଆବରଣର ଆଶ୍ରୟରେ ସେମାନେ ନିଜ ସଙ୍ଗରେ ଜଗତ ମଧ୍ୟରେ ନେଇଆସିଛନ୍ତି ଏବଂ ଯେଉଁମାନେ ମା'ଙ୍କର ସାକ୍ଷାତ୍ ଓ ଜୀବନ୍ତ ପ୍ରଭାବ ପ୍ରତି ନିଜର ପାର୍ଥିବ ପ୍ରକୃତିକୁ ଖୋଲି ଧରିପାରନ୍ତି, ସେମାନେ ସେମାନଙ୍କ ମଧ୍ୟରେ ଊର୍ଦ୍ଧ୍ୱସ୍ଥ ଦିବ୍ୟସ୍ଥିତିର ଧର୍ମାନୁସାରେ ଏହି ସକଳ ଐଶ୍ୱର୍ଯ୍ୟ ପ୍ରତିଷ୍ଠିତ କରନ୍ତି। ଏହି ଶକ୍ତିଚତୁଷ୍ଟୟକୁ ଆମ୍ଭେମାନେ ଏହି ଚାରୋଟି ମହାନ୍ ନାମ ଦେଉଛୁ—ମହେଶ୍ୱରୀ, ମହାକାଳୀ, ମହାଲକ୍ଷ୍ମୀ, ମହାସରସ୍ୱତୀ।

ରାଜରାଜେଶ୍ୱରୀ ମହେଶ୍ୱରୀ ମାନସ ତର୍କବୁଦ୍ଧି ଓ

ଇଚ୍ଛାଶକ୍ତିର ଉପରେ, ବୃହତ୍‌ର ମଧ୍ୟରେ ଆସୀନା ଏବଂ ଏହି ଦୁଇଟି ବୃତ୍ତିକୁ ସେ ଶୋଧନ କରି, ମହତ୍ତର କରି ବିଶାଳତା ମଧ୍ୟରେ ଉନ୍ନୀତ କରନ୍ତି, କିମ୍ବା ଅନଧିଗମ୍ୟ ଗୋଟିଏ ଜ୍ୟୋତିର ପ୍ଲାବନରେ ସେସବୁକୁ ପରିପୂର୍ଣ୍ଣ କରି ଗଢ଼ନ୍ତି। କାରଣ ସେ ସେହି ଶକ୍ତିମୟୀ, ଜ୍ଞାନମୟୀ ଯେ ଆମ୍ଭମାନଙ୍କୁ ଅତିମାନସ ଅନନ୍ତ ଏବଂ ବିଶ୍ୱବ୍ୟାପୀ ବିଶାଳତା ଆଡ଼କୁ, ପରମ ଜ୍ୟୋତିର ମହୈଶ୍ୱର୍ଯ୍ୟ, ଅଲୌକିକ ଜ୍ଞାନର ଭଣ୍ଡାର ଏବଂ ମା'ଙ୍କର ଚିରନ୍ତନ ଶକ୍ତିଧାରାର ଅପ୍ରମେୟ ଗତିଛନ୍ଦ ଆଡ଼କୁ ଖୋଲି ଧରନ୍ତି। ସେ ହେଲେ ଅଚଞ୍ଚଳା, ଅନିର୍ବଚନୀୟା, ମହିମମୟୀ, ଚିରପ୍ରଶାନ୍ତା। କିଛି ବି ତାଙ୍କୁ ବିଚଳିତ କରିପାରେ ନାହିଁ, କାରଣ ସକଳ ପ୍ରଜ୍ଞା ତାଙ୍କ ମଧ୍ୟରେ, ଯଦି ସେ କୌଣସି ବସ୍ତୁ ଜାଣିବାକୁ ଚାହାନ୍ତି, ତେବେ ତାହା ତାଙ୍କ ପାଖରେ ଗୁପ୍ତ ରହେ ନାହିଁ; ସକଳ ବସ୍ତୁ, ସକଳ ସତ୍ତା ତଥା ସେହିସବୁର ପ୍ରକୃତି ଏବଂ ଯାହା ସେସବୁକୁ ଚାଳନା କରେ ଏବଂ ସୃଷ୍ଟିର ବିଧାନ, କାଳବିଭାଗ, କି ଭାବରେ ସବୁ ଥିଲା, ଅଛି ଓ ଭବିଷ୍ୟତରେ ହେବ,—ଏହି ସମସ୍ତହିଁ ସେ ଧାରଣ କରି ରହିଛନ୍ତି। ତାଙ୍କ ମଧ୍ୟରେ ଗୋଟିଏ ସାମର୍ଥ୍ୟ ଅଛି ଯାହା ସକଳର ସମ୍ମୁଖୀନ ହୁଏ ଏବଂ ସକଳକୁ ବଶୀଭୂତ କରେ। ତାଙ୍କର

ସେହି ବିପୁଳ, ଦୁରଧିଗମ୍ୟ ଜ୍ଞାନ ଓ ସମୁନ୍ନତ ପ୍ରଶାନ୍ତ ଶକ୍ତିର ବିରୁଦ୍ଧରେ ଛିଡ଼ାହୋଇ ଶେଷରେ କେହି ଜୟଲାଭ କରିପାରେ ନାହିଁ। ସେ ଧୀର, ସମଦର୍ଶୀ, ନିଜ ସଂକଳ୍ପରେ ଅବିଚଳିତ, ପ୍ରତ୍ୟେକ ମନୁଷ୍ୟର ପ୍ରକୃତି ଅନୁସାରେ ତାହା ଉପରେ କ୍ରିୟା କରନ୍ତି ଏବଂ ବସ୍ତୁ ଓ ଘଟଣା ଉପରେ ସେସବୁର ଶକ୍ତି ଓ ଅନ୍ତରସ୍ଥ ସତ୍ୟ ଅନୁସାରେ କାର୍ଯ୍ୟ କରନ୍ତି। ତାଙ୍କର ପକ୍ଷପାତ ନାହିଁ, ସେ ପରମେଶ୍ୱରଙ୍କର ଅନୁଶାସନ ପାଳନ କରନ୍ତି – କାହାକୁ କାହାକୁ ଉପରକୁ ଉଠାଇ ଦିଅନ୍ତି, କାହାକୁ କାହାକୁ ତଳକୁ ପକାଇ ଦିଅନ୍ତି, ଅଥବା କାହାକୁ ଠେଲିଦେଇ ଅନ୍ଧକାର ମଧ୍ୟରେ ପକାଇ ରଖନ୍ତି। ଜ୍ଞାନୀକୁ ଦିଅନ୍ତି ଆହୁରି ବୃହତ୍ ଓ ଆହୁରି ଜ୍ୟୋତିର୍ମୟ ଜ୍ଞାନ; ଯେଉଁମାନଙ୍କର ଦିବ୍ୟଦୃଷ୍ଟି ଅଛି ସେମାନଙ୍କ ପାଖରେ ସେ ତାଙ୍କର ମନ୍ତ୍ରଣାର ରହସ୍ୟ ବ୍ୟକ୍ତ କରନ୍ତି; ବିରୋଧୀମାନଙ୍କୁ ବିରୋଧୀର ଫଳ ଭୋଗ କରିବାକୁ ସେ ବାଧ କରନ୍ତି; ଅଜ୍ଞାନକୁ, ମୂଢ଼କୁ ସେମାନଙ୍କର ଅନ୍ଧତାକୁ ଆଶ୍ରୟ କରି ପରିଚାଳନା କରନ୍ତି। ପୁଣି ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ବି ତାହାର ପ୍ରକୃତିର ପ୍ରତି ଅଙ୍ଗରେ ତାହାର ବିଭିନ୍ନ ପ୍ରୟୋଜନ ଅନୁଯାୟୀ ପ୍ରେରଣା ଏବଂ ଗ୍ରହଣଶକ୍ତି ଅନୁସାରେ ଉତ୍ତର ଦିଅନ୍ତି; ସେମାନଙ୍କ ଉପରେ

ଆବଶ୍ୟକ ଅନୁଯାୟୀ ବଳ ପ୍ରୟୋଗ କରନ୍ତି, ଅଥବା ଯେଉଁ ପ୍ରିୟ ସ୍ୱାତନ୍ତ୍ର୍ୟକୁ ସେମାନେ ପ୍ରୟୋଗ କରି ଧରି ରଖିବାକୁ ଚାହାନ୍ତି, ସେହି ଅଜ୍ଞାନତା ପାଖରେ ସେମାନଙ୍କୁ ହୁଏତ ସମୃଦ୍ଧିପ୍ରାପ୍ତ ହେବାକୁ ନଚେତ୍ ବିନଷ୍ଟ ହେବାକୁ ଛାଡ଼ିଦିଅନ୍ତି। କାରଣ ସେ ହେଲେ ସକଳ ବସ୍ତୁର ଉର୍ଦ୍ଧ୍ୱରେ — ବିଶ୍ୱର କୌଣସି ବସ୍ତୁ ମଧ୍ୟରେ ସେ ଆବଦ୍ଧ ବା ଆସକ୍ତ ନୁହନ୍ତି। ତଥାପି ଆଉ ସମସ୍ତଙ୍କ ଅପେକ୍ଷା ତାଙ୍କର ଅଛି ଜଗନ୍ମାତାଙ୍କର ମାତୃହୃଦୟ। ତାଙ୍କର କରୁଣା ଅଶେଷ ଏବଂ ଅଫୁରନ୍ତ, ତାଙ୍କ ଦୃଷ୍ଟିରେ ସମସ୍ତେହିଁ — ଏପରିକି ଅସୁର, ରାକ୍ଷସ, ପିଶାଚ ଆଉ ଯେଉଁମାନେ ତାଙ୍କର ବିଦ୍ରୋହୀ ଓ ବିରୋଧୀ ସେମାନଙ୍କ ପର୍ଯ୍ୟନ୍ତ ବି, — ତାଙ୍କର ସନ୍ତାନ ଏବଂ ଏକ ଅଦ୍ୱିତୀୟର ଅଂଶ। ତାଙ୍କର ପ୍ରତ୍ୟାଖ୍ୟାନର ଅର୍ଥ କେବଳ ବିଳମ୍ବନ; ତାଙ୍କର ଦଣ୍ଡ ବି ତାଙ୍କର ପ୍ରସାଦ। ତେବେ ତାଙ୍କ କରୁଣା ତାଙ୍କ ଜ୍ଞାନକୁ ଅନ୍ଧ କରେ ନାହିଁ, ତାଙ୍କ କର୍ମକୁ ଯଥାନିର୍ଦ୍ଦିଷ୍ଟ ଧାରାରୁ ବିଚ୍ୟୁତ କରେ ନାହିଁ, କାରଣ ତାଙ୍କର ଏକମାତ୍ର କାର୍ଯ୍ୟ ହେଲା ବସ୍ତୁର ଯଥାର୍ଥ ସତ୍ୟକୁ ଗ୍ରହଣ କରିବା, ତାଙ୍କ ଶକ୍ତିର କେନ୍ଦ୍ର ହେଲା ଜ୍ଞାନ, ଆଉ ଆମ୍ଭମାନଙ୍କ ଅନ୍ତରାତ୍ମାକୁ, ଆମ୍ଭମାନଙ୍କ ପ୍ରକୃତିକୁ ଭାଗବତ ସତ୍ୟରେ

ନିର୍ମାଣ କରିବା ତାଙ୍କର ବ୍ରତ, ତାଙ୍କର ପ୍ରୟାସ।

ମହାକାଳୀଙ୍କ ପ୍ରକୃତି ଅନ୍ୟ ପ୍ରକାର। ବିସ୍ତୃତି ନୁହେଁ, ଉଚ୍ଚତା—ଜ୍ଞାନ ନୁହେଁ, ବଳ ଓ ବୀର୍ଯ୍ୟ ତାଙ୍କର ନିଜସ୍ୱ ବିଶେଷତ୍ୱ। ତାଙ୍କ ମଧ୍ୟରେ ଅଛି ଗୋଟିଏ ଦୁର୍ବାର ତୀବ୍ରତା, ପୂର୍ଣ୍ଣସିଦ୍ଧି ଆଡ଼କୁ ଶକ୍ତିର ବିପୁଳ ଆବେଗ, ସକଳ ସୀମା ଓ ସକଳ ବାଧା ଚୂର୍ଣ୍ଣ କରି ଦୌଡ଼ି ଚାଲିପାରେ ଏପରି ଏକ ଦିବ୍ୟପ୍ରଚଣ୍ଡତା। ତାଙ୍କର ସମଗ୍ର ଭାଗବତୀ ପ୍ରକୃତି ଝଞ୍ଜା ପରି ରୁଦ୍ର କର୍ମର ପ୍ରଭାବରେ ପ୍ରସ୍ଫୁରିତ; ସେ ଅଛନ୍ତି କ୍ଷିପ୍ରତା ସକାଶେ, ଆଶୁଫଳଦାୟୀ ପ୍ରକ୍ରିୟା ସକାଶେ, ସମ୍ମୁଖ ଆକ୍ରମଣ ସକାଶେ ଯାହାକି ସାକ୍ଷାତ୍ ଏବଂ ସଘନ ଆଘାତରେ ସବୁକିଛିକୁ ପରାଭୂତ କରେ। ଅସୁରଙ୍କ ପ୍ରତି ଭୟଙ୍କର ତାଙ୍କର ମୁଖମଣ୍ଡଳ, ଭଗବତ୍ ବିଦ୍ୱେଷୀ ପ୍ରତି ନିର୍ମମ ନିଦାରୁଣ ତାଙ୍କର ଚିତ୍ତ, କାରଣ ସେ ବିଶ୍ୱଲୋକର ରଣରଙ୍ଗିନୀ, ସଂଗ୍ରାମରେ କେବେ ବି ପଶ୍ଚାତ୍‌ପଦ ହୁଅନ୍ତି ନାହିଁ। ସାମାନ୍ୟ ତ୍ରୁଟି ବି ତାଙ୍କର ଅସହନୀୟ,—ମନୁଷ୍ୟ ମଧ୍ୟରେ ଯାହାକିଛି ଅନିଚ୍ଛୁକ, ତା' ପ୍ରତି ତାଙ୍କର ରୂଢ଼ ବ୍ୟବହାର, ଯାହାକିଛି ଜୋର୍ କରି ଜ୍ଞାନହୀନ ଓ ତମୋଗ୍ରସ୍ତ ହୋଇ ରହିବାକୁ ଚାହେଁ ତା' ପ୍ରତି ସେ କଠୋରହସ୍ତ, ବିଶ୍ୱାସଘାତକତା, ମିଥ୍ୟାଚାର ଓ ବିଦ୍ୱେଷର ବିରୁଦ୍ଧରେ

ତାଙ୍କର କ୍ରୋଧ ସଦା ଉଦ୍ୟତ, ନିଦାରୁଣ ; — ଦୁଷ୍ଟଇଚ୍ଛା ତାଙ୍କ ଚାବୁକର ଆଘାତରେ ତତ୍‌କ୍ଷଣାତ୍ ଜର୍ଜରିତ ହୁଏ । ଭାଗବତ କର୍ମରେ ଔଦାସୀନ୍ୟ, ଶୈଥିଲ୍ୟ, ଆଳସ୍ୟ ତାଙ୍କର ଅସହ୍ୟ; ଅସମୟରେ ଯେ ନିଦ୍ରାଳୁ, ଯେ ଦୀର୍ଘସୂତ୍ରୀ — ପ୍ରୟୋଜନ ହେଲେ ତତ୍‌କ୍ଷଣାତ୍ ତୀବ୍ର ଆଘାତରେ ତାକୁ ଜାଗ୍ରତ କରାନ୍ତି । କ୍ଷିପ୍ର, ସରଳ, ଅକପଟ ଯେଉଁ ସକଳ ପ୍ରେରଣା, ଅକୁଣ୍ଠ, ଅବ୍ୟଭିଚାରୀ ଯେଉଁସବୁ ଗତିଧାରା, ଅଗ୍ନିଶିଖା ପରି ଊର୍ଦ୍ଧ୍ୱଗାମୀ ଯେଉଁ ଅଭୀପ୍ସା, ଏହିସବୁ ହେଲା ମହାକାଳୀଙ୍କ ପଦକ୍ଷେପ । ଅଦମ୍ୟ ତାଙ୍କର ପ୍ରବୃତ୍ତି ; ତାଙ୍କର ଦୃଷ୍ଟି, ତାଙ୍କର ସଙ୍କଳ୍ପ ଶ୍ୟେନବିହଙ୍ଗର ବ୍ୟୋମବିହାର ତୁଲ୍ୟ ଉତ୍ତୁଙ୍ଗ ଓ ସୁଦୂରପ୍ରସାରୀ, ଊର୍ଦ୍ଧ୍ୱାୟିତ ପଥରେ କ୍ଷିପ୍ର ତାଙ୍କର ଗତି, ତାଙ୍କ ହସ୍ତ ଦଣ୍ଡବିଧାନ ଓ ଅଭୟ ସକାଶେ ପ୍ରସାରିତ । କାରଣ ସେ ବି ମା, — ତାଙ୍କ ସ୍ନେହ ତାଙ୍କ କ୍ରୋଧ ପରି ତୀବ୍ର, ତାଙ୍କ କରୁଣା ସୁଗଭୀର ଏବଂ ଆବେଗମୟ । ତାଙ୍କୁ ଯଦି ନିଜ ଶକ୍ତି ସହ ଆସିବାକୁ ଦିଆହୁଏ, ତେବେ ଯେଉଁସବୁ ବାଧା ଆମ୍ଭମାନଙ୍କ ଅଗ୍ରଗତିର ଶକ୍ତିକୁ ନଷ୍ଟ କରିଦିଅନ୍ତି, ଯେଉଁସବୁ ଶତ୍ରୁ ସାଧକକୁ ଆକ୍ରମଣ କରନ୍ତି, ସେସବୁକୁ ଅସମଞ୍ଜସ ବସ୍ତୁତୁଲ୍ୟ ମୁହୂର୍ତ୍ତକରେ ସେ ଚୂର୍ଣ୍ଣ କରିଦିଅନ୍ତି । ବିରୋଧୀଙ୍କ ପକ୍ଷରେ ତାଙ୍କର

କୋପାନଳ ଭୟଙ୍କର, ଦୁର୍ବଳ ଓ ଭୀରୁ ପକ୍ଷେ ତାଙ୍କର ଚାପ ପୀଡ଼ାଦାୟକ ଏବଂ ଭୀଷଣ ; କିନ୍ତୁ ବୀର, ଶକ୍ତିମାନ୍, ମହତ୍‌ଙ୍କର ସେ ପ୍ରିୟ ଏବଂ ପୂଜ୍ୟା, କାରଣ ସେମାନେ ଅନୁଭବ କରନ୍ତି ଯେ ସେମାନଙ୍କ ଆଧାରରେ ଯାହା ବିଦ୍ରୋହୀ ତାକୁ ବାରଂବାର ଆଘାତ କରି ସାମର୍ଥ୍ୟ ଏବଂ ନିର୍ଦ୍ଦୋଷ ସତ୍ୟରେ ସେ ପରିଣତ କରନ୍ତି ; ଯାହା କୁଟିଳ ଏବଂ ବିକୃତ, ତାକୁ ପୁନଃପୁନଃ ପ୍ରହାର କରି ସିଧା କରିଦିଅନ୍ତି, ଯାହା ଅଶୁଦ୍ଧ ବା ଦୋଷଯୁକ୍ତ ତାହା ବହିଷ୍କୃତ କରିଦିଅନ୍ତି । ଯଦି ସେ ନ ଥା'ନ୍ତେ, ତେବେ ଦିନକରେ ଯେଉଁ କାର୍ଯ୍ୟ ହୁଏ ତାହା ସମ୍ପୂର୍ଣ୍ଣ କରିବାକୁ ବହୁ ଶତାବ୍ଦୀ ପ୍ରୟୋଜନ ହୁଅନ୍ତା ; ତାଙ୍କ ଅଭାବରେ ଆନନ୍ଦ ହୁଏତ ଉଦାର-ଗମ୍ଭୀର, କିଂବା କୋମଳ-ମଧୁର ଓ ସୁନ୍ଦର ହୋଇ ପାରିଥା'ନ୍ତା ; କିନ୍ତୁ ସେଥିରେ ପରମ ତୀବ୍ରତାର ପ୍ରଜ୍ୱଳିତ ଉଲ୍ଲାସ ନ ଥା'ନ୍ତା । ଜ୍ଞାନରେ ସେ ଆଣିଦିଅନ୍ତି ବିଜୟିନୀ ଶକ୍ତି, ସୌନ୍ଦର୍ଯ୍ୟରେ ଏବଂ ସୁଷମାରେ ଆଣିଦିଅନ୍ତି ଗୋଟିଏ ସମୁଚ୍ଚ ଊର୍ଦ୍ଧ୍ୱାୟିତ ଗତି, ଆଉ ସିଦ୍ଧିକୁ ସର୍ବାଙ୍ଗସୁନ୍ଦର କରିବା ସକାଶେ ଆମ୍ଭମାନଙ୍କର ଯେଉଁ ମନ୍ଥର ଓ କଷ୍ଟକର ପ୍ରୟାସ ଅଛି, ସେଥିରେ ଆଣିଦିଅନ୍ତି ଏପରି ପ୍ରବେଗ ଯାହାଫଳରେ ଶକ୍ତି ବହୁଗୁଣିତ ହୁଏ, ଦୀର୍ଘପଥ ହ୍ରସ୍ୱ ହୋଇଯାଏ । ପରମତମ

ଯେଉଁ ଆନନ୍ଦ, ଉଚ୍ଚତମ ଯେଉଁ ଉଚ୍ଚତା, ମହତ୍ତମ ଯେଉଁ ଲକ୍ଷ୍ୟ, ବୃହତ୍ତମ ଯେଉଁ ଦୃଷ୍ଟି, ସେଥିରୁ ନ୍ୟୂନତର କିଛି ତାଙ୍କୁ ତୃପ୍ତି ଦେଇପାରେ ନାହିଁ। ତାଙ୍କର ଅଛି ଭଗବାନଙ୍କର ବିଜୟିନୀ ଶକ୍ତି, ଆଉ ତାଙ୍କର ତେଜଃ, ଆବେଗ ଓ କ୍ଷିପ୍ରତାର ପ୍ରସାଦରେ ଆମ୍ଭମାନଙ୍କର ଲାଭ ହୁଏ ପରମ ସଂସିଦ୍ଧି, ପରେ ନୁହେଁ, ଯଦି ସମ୍ଭବ ହୁଏ, ଏହିକ୍ଷଣି।

କେବଳ ଜ୍ଞାନ ଓ ବଳହିଁ ପରାପ୍ରର ଜନନୀଙ୍କର ପ୍ରକାଶ ନୁହେଁ, ତାଙ୍କ ପ୍ରକୃତିର ଆହୁରି ଗୋଟିଏ ସୂକ୍ଷ୍ମତର ରହସ୍ୟ ଅଛି, ତା' ନ ଥିଲେ ଜ୍ଞାନ ଓ ବଳ ହୋଇଥାନ୍ତା ଖଣ୍ଡବସ୍ତୁ, ପୂର୍ଣ୍ଣତା ବି ସମ୍ୟକ୍ ପୂର୍ଣ୍ଣ ହୋଇ ନ ଥା'ନ୍ତା। ଏହି ଦୁଇଟିର ଉପରେ ଅଛି ଶାଶ୍ୱତ ସୌନ୍ଦର୍ଯ୍ୟର ପରମ ଇନ୍ଦ୍ରଜାଲ, ଇନ୍ଦ୍ରିୟଅନଧିଗମ୍ୟ ଗୋପନ ଏକ ଦିବ୍ୟ ସଙ୍ଗତି ଓ ସୁଷମା, ବିଶ୍ୱବ୍ୟାପୀ ଏକ ଅପ୍ରତିହତ ଶ୍ରୀ ଏବଂ ଆକର୍ଷଣର ଦୁର୍ନିବାର ମୋହିନୀ ଶକ୍ତି ଯାହା ସକଳ ବସ୍ତୁ, ସକଳ ଶକ୍ତି, ସକଳ ସତ୍ତାକୁ ପରସ୍ପର ସଙ୍ଗେ ସମ୍ମିଳିତ ଓ ସଂଯୁକ୍ତ ଏବଂ ଏକତ୍ର କରି ଧରି ରଖିଛି, ଯେଉଁଥିରେ ସେହି ଶକ୍ତି ଯବନିକାର ଅନ୍ତରାଳରେ ଥାଇ ବି ପ୍ରସନ୍ନ ଆନନ୍ଦରେ ଲୀଳାରତ ହୋଇପାରେ ଏବଂ ଏହି ସକଳଙ୍କୁ ନିଜର ଛନ୍ଦ, ନିଜର ରୂପ ହିସାବରେ ବ୍ୟବହାର କରିପାରେ।

ଏହାହିଁ ହେଲା ମହାଲକ୍ଷ୍ମୀଙ୍କ ଶକ୍ତି, ଦେହଧାରୀ ଜୀବ ପାଖରେ ଭାଗବତୀ ଶକ୍ତିଙ୍କର ଏପରି ଚିତ୍ତବିମୋହନକାରୀ ଆଉ କୌଣସି ପ୍ରକାଶ ନାହିଁ। ମନେ ହୋଇପାରେ, ଯେପରି ମହେଶ୍ୱରୀ ଅତି ସ୍ଥିର, ଅତି ମହତ୍, ଅତି ଦୂର ; ପାର୍ଥିବ ପ୍ରକୃତିର କ୍ଷୁଦ୍ରତା ତାଙ୍କ ସମୀପବର୍ତ୍ତୀ ହେବାକୁ ଅଥବା ତାଙ୍କୁ ଧାରଣ କରିବାକୁ ଅସମର୍ଥ ; ପାର୍ଥିବ ପ୍ରକୃତିର ଦୁର୍ବଳତା ମହାକାଳୀଙ୍କ ପ୍ରାଖର୍ଯ୍ୟ ଓ ପ୍ରଚଣ୍ଡତା ସହ୍ୟ କରିପାରେ ନାହିଁ, କିନ୍ତୁ ମହାଲକ୍ଷ୍ମୀଙ୍କ ଆଡ଼କୁ ସମସ୍ତେ ଆନନ୍ଦରେ ଓ ଆଗ୍ରହରେ ଉନ୍ମୁଖ। କାରଣ ଭଗବାନଙ୍କର ଉନ୍ମାଦକାରୀ ମାଧୁର୍ଯ୍ୟର ଯାଦୁମନ୍ତ୍ର ସେ ବିକୀର୍ଣ୍ଣ କରିଦେଇଛନ୍ତି। ତାଙ୍କ ସାନ୍ନିଧ ପ୍ରାପ୍ତ ହେବା ଏକ ନିବିଡ଼ତମ ଆନନ୍ଦ, ହୃଦୟ ମଧରେ ତାଙ୍କୁ ଅନୁଭବ କରିବା ହେଲା ସମଗ୍ର ଜୀବନକୁ ଏକ ରସାପ୍ଲୁତ ଆନନ୍ଦ ଓ ପରମାଶ୍ଚର୍ଯ୍ୟରେ ପରିଣତ କରିବା। ସୂର୍ଯ୍ୟଙ୍କଠାରୁ ଯେପରି ଆଲୋକ ନିସୃତ ହୁଏ, ସେହିପରି ତାଙ୍କଠାରୁ ଶ୍ରୀ, ଶୋଭା, ସ୍ନେହ ପ୍ରବାହିତ ହୁଏ। ଯେଉଁଠାରେ ସେ ତାଙ୍କର ଅନୁପମ ଦୃଷ୍ଟି ନିବଦ୍ଧ କରନ୍ତି କିଂବା ତାଙ୍କ ସ୍ମିତହାସ୍ୟର ମାଧୁରିମା ଢାଳିଦିଅନ୍ତି, ସେଠାରେ ମନୁଷ୍ୟର ଅନ୍ତରାତ୍ମା ବାନ୍ଧି ହୋଇଯାଏ ଏବଂ ବନ୍ଦୀ ହୁଏ, ଏବଂ ଅତଳ ଆନନ୍ଦର ଗଭୀରରେ ବୁଡ଼ିଯାଏ।

ତାଙ୍କ ହସ୍ତର ସ୍ପର୍ଶ ପରମାନନ୍ଦମୟ, ସେହି ସ୍ପର୍ଶର ପ୍ରସନ୍ନ ସୁକୁମାର ପ୍ରଭାବ ମନ, ପ୍ରାଣ ଓ ଦେହକୁ ଶୋଧିତ ଏବଂ ମାର୍ଜିତ କରେ ଏବଂ ଯେଉଁଠାରେ ତାଙ୍କ ପାଦ ସ୍ପର୍ଶ କରେ ସେହିଠାରେ ଚିତ୍ତୋନ୍ମାଦକାରୀ ଆନନ୍ଦର ସୁରଧୁନୀ ପ୍ରବାହିତ ହୁଏ ।

ଅଥଚ ଏହି ମନୋହାରିଣୀ ଦେବୀଙ୍କ ଦାବି ପୂର୍ଣ୍ଣ କରିବା ଅଥବା ତାଙ୍କ ଉପସ୍ଥିତି ଧରିରଖିବା ସହଜ ନୁହେଁ। ମନ ଓ ଅନ୍ତରାତ୍ମାର ସୁସଙ୍ଗତି ଓ ସୌନ୍ଦର୍ଯ୍ୟ, ଚିନ୍ତା ଓ ଅନୁଭବର ସୁସଙ୍ଗତି ଓ ସୌନ୍ଦର୍ଯ୍ୟ, ପ୍ରତ୍ୟେକ ବାହ୍ୟ କର୍ମ ଓ ଗତିର ସୁସଙ୍ଗତି ଓ ସୌନ୍ଦର୍ଯ୍ୟ, ଜୀବନ ଓ ପରିବେଶର ସୁସଙ୍ଗତି ଓ ସୌନ୍ଦର୍ଯ୍ୟ — ଏହିସବୁ ହେଲା ମହାଲକ୍ଷ୍ମୀଙ୍କର ଦାବି। ଯେଉଁଠାରେ ଅଛି ନିଗୂଢ଼ ବିଶ୍ୱ-ଆନନ୍ଦର ଛନ୍ଦ-ସାମ୍ୟ, ସର୍ବସୌନ୍ଦର୍ଯ୍ୟମୟଙ୍କ ଆହ୍ୱାନରେ ଯେଉଁଠାରେ ଜାଗେ ଉତ୍ତର, ଯେଉଁଠାରେ ରହିଛି ମିଳନ ଓ ଐକ୍ୟ, ଯେଉଁଠାରେ ବହୁ ପ୍ରାଣର ଆନନ୍ଦ-ପ୍ରବାହ ହୋଇଛି ଭଗବଦଭିମୁଖୀ, ସେହିପରି ଆବେଷ୍ଟନରେ ସେ ବାସ କରିବାକୁ ସମ୍ମତ। କିନ୍ତୁ ଯାହାକିଛି କୁତ୍ସିତ, ନୀଚ୍, ହୀନ, ଯାହାକିଛି ମଳିନ, ଯାହାକିଛି ରୂଢ଼, ରୁକ୍ଷ, ଯାହାକିଛି ପାଶବିକ ଓ ଅସଂସ୍କୃତ, ସେହିସବୁ ତାଙ୍କ ଆଗମନରେ

ପ୍ରତିବନ୍ଧକ ହୁଏ। ଯେଉଁଠାରେ ପ୍ରେମ ଓ ସୌନ୍ଦର୍ଯ୍ୟ ନାହିଁ ବା ପ୍ରକାଶିତ ହେବାକୁ ଚାହେଁ ନାହିଁ, ସେଠାକୁ ସେ ଆସନ୍ତି ନାହିଁ। ପ୍ରେମ ଓ ସୌନ୍ଦର୍ଯ୍ୟ ଯେଉଁଠାରେ ହୀନତର ଉପକରଣ ସହିତ ମିଶ୍ରିତ ଏବଂ ବିକୃତ, ସେଠାରୁ ସେ ପ୍ରସ୍ଥାନ କରିବା ସକାଶେ ଅବିଳମ୍ବେ ମୁଖ ଫେରାନ୍ତି ଅଥବା ସେଠାରେ ତାଙ୍କର ବୈଭବ ଢାଳିବାକୁ ସେ ଇଚ୍ଛୁକ ନୁହଁନ୍ତି। ଯେଉଁ ମାନବ-ହୃଦୟରେ ପୂରି ରହିଥାଏ ସ୍ୱାର୍ଥପରତା, ଦ୍ୱେଷ, ଈର୍ଷ୍ୟା, ହିଂସା, ଅସୂୟା ଓ ଦ୍ୱନ୍ଦ୍ୱ, ଯଦି ଦେବୋଦ୍ଦିଷ୍ଟ ଆଧାରରେ ମିଶିଥାଏ ବିଶ୍ୱାସଘାତକତା, ବୁଭୁକ୍ଷା ଓ ଅକୃତଜ୍ଞତା, ଯଦି ଭକ୍ତିକୁ ପ୍ରାଣାବେଗର ସ୍ଥୂଳତା, କାମନାର ରୂଢ଼ତା ଅଶୁଦ୍ଧ କରିଥାଏ ତେବେ ଏପରି ହୃଦୟରେ ଏହି ସୌମ୍ୟା ଶ୍ରୀମୟୀ ଦେବୀ ରହନ୍ତି ନାହିଁ। ଏକ ଦିବ୍ୟ ଘୃଣାରେ ତାଙ୍କ ଅନ୍ତର ପୂର୍ଣ୍ଣ ହୋଇଯାଏ, ସେ ସେଠାରୁ ଚାଲିଯାଆନ୍ତି, କାହିଁକି ନା ଜୋର୍ କରି କିଛି କରାଇବା ବା ପ୍ରୟାସ କରିବା ପରି ପ୍ରକୃତି ତାଙ୍କର ନୁହେଁ; ଅଥବା ସେ ନିଜ ମୁଖ ଉପରେ ଓଢ଼ଣା ଟାଣିଦିଅନ୍ତି ଏବଂ ଅପେକ୍ଷା କରି ରହନ୍ତି। ଏହି ତିକ୍ତ, ବିଷାକ୍ତ, ଦାନବସେବ୍ୟ ଉପଚାର ପ୍ରତ୍ୟାଖ୍ୟାନ ଓ ବିଦୂରିତ ହେବା ପରେ ପୁନର୍ବାର ତାଙ୍କର ଆନନ୍ଦମୟ ପ୍ରଭାବ ବିସ୍ତାର କରନ୍ତି। ତପସ୍ୱୀର ରିକ୍ତତା, ରୁକ୍ଷତା ଏବଂ ହୃଦୟ ଭିତରେ ଆବେଗସକଳର

ଦମନ, ଅନ୍ତରାତ୍ମା ଏବଂ ଜୀବନରେ ସୌନ୍ଦର୍ଯ୍ୟର ଅଭିବ୍ୟକ୍ତିର ନିଷ୍ପେଷଣ ତାଙ୍କର ତୃପ୍ତିକର ନୁହେଁ। କାରଣ ପ୍ରେମ ଓ ସୌନ୍ଦର୍ଯ୍ୟ ମଧ୍ୟଦେଇ ସେ ମନୁଷ୍ୟକୁ ଭଗବାନଙ୍କ ପାଖରେ ବାନ୍ଧି ଦିଅନ୍ତି। ତାଙ୍କର ସମୁଚ୍ଚତମ ସୃଷ୍ଟିରେ ଜୀବନ ହୋଇଉଠେ ଯେପରି ସ୍ୱର୍ଗର ଖଣ୍ଡିଏ ସୁଶ୍ରୀଯୁକ୍ତ କାରୁଶିଳ୍ପ, ସକଳ ସତ୍ତା ହୋଇଉଠେ ଅପାର୍ଥିବ ଆନନ୍ଦର ଖଣ୍ଡିଏ କାବ୍ୟ ; ଜଗତର ସକଳ ଐଶ୍ୱର୍ଯ୍ୟ ଏକ ପରମ ଶୃଙ୍ଖଳାରେ ଏକତ୍ରିତ ଏବଂ ବ୍ୟବସ୍ଥିତ ହୋଇଉଠେ, ଏପରିକି ଅତି ସାଧାରଣ ଓ ଅତି ସାମାନ୍ୟ ବସ୍ତୁ ବି ତାଙ୍କ ବୋଧିଜ୍ଞାନର ଏକତ୍ୱରେ ଏବଂ ପ୍ରାଣର ସ୍ପର୍ଶରେ ଅପରୂପ ହୋଇଉଠେ। ହୃଦୟରେ ତାଙ୍କୁ ସ୍ଥାନ ଦେଲେ ସେ ଜ୍ଞାନକୁ ଅଲୌକିକତାର ସମୁନ୍ନତ ଶିଖରକୁ ଉଠାଇ ନେଇଯା'ନ୍ତି, ସକଳ ଜ୍ଞାନକୁ ଅତିକ୍ରମ କରି ଯେଉଁ ତୀବ୍ର ଆନନ୍ଦ ଅଛି ତା'ର ଗୁପ୍ତ ରହସ୍ୟରାଜି ସେହି ହୃଦୟ ପାଖରେ ବ୍ୟକ୍ତ କରନ୍ତି, ଯେଉଁଠାରେ ଭକ୍ତି ଅଛି ସେଠାରେ ଭଗବାନଙ୍କ ଦିଗରୁ ଗୋଟିଏ ତୀବ୍ର ଆକର୍ଷଣ ଆଣି ମିଳାଇ ଦିଅନ୍ତି ; ବୀର୍ଯ୍ୟକୁ, ବଳକୁ ସେହି ଛନ୍ଦ ଶିଖାଇ ଦିଅନ୍ତି ଯେଉଁଥିରେ ସେମାନଙ୍କ କର୍ମର ପ୍ରଚଣ୍ଡତା ସୁପରିମିତ ଓ ସୁସମଞ୍ଜସ ହୋଇଉଠେ, ସିଦ୍ଧି ଉପରେ ଏପରି ମାଧୁର୍ଯ୍ୟମନ୍ତ୍ର ଢାଳିଦିଅନ୍ତି ଯେଉଁଥିରେ ତାହା ଚିରସ୍ଥାୟୀ ହୋଇଉଠେ।

ମହାସରସ୍ୱତୀ ହେଲେ ମା'ଙ୍କର କର୍ମଶକ୍ତି, ତାଙ୍କରି ପୂର୍ଣ୍ଣତା ଓ ଶୃଙ୍ଖଳାର ମୂର୍ତ୍ତି। ଶକ୍ତିଚତୁଷ୍ଟୟ ମଧ୍ୟରେ ସେ କନିଷ୍ଠା, କାର୍ଯ୍ୟ-ନିଷ୍ପାଦନର କ୍ଷମତାରେ ପରମନିପୁଣା, ସ୍ଥୂଳ ପ୍ରକୃତିର ନିକଟତମା। ମହେଶ୍ୱରୀ ବିଶ୍ୱଶକ୍ତିରାଜିର ବୃହତ୍ ଧାରାଗୁଡ଼ିକୁ ସଜାଡ଼ି ରଖନ୍ତି, ମହାକାଳୀ ଦିଅନ୍ତି ସେସବୁକୁ ଚାଲିବାର ବଳ ଓ ବେଗ, ମହାଲକ୍ଷ୍ମୀ ବ୍ୟକ୍ତ କରନ୍ତି ସେସବୁର ଛନ୍ଦ ଓ ପରିମିତି। କିନ୍ତୁ ମହାସରସ୍ୱତୀ ଖୁଣ୍ଟିନାଣ୍ଟି ପର୍ଯ୍ୟବେକ୍ଷଣ କରନ୍ତି ସେସବୁର ସଙ୍ଗଠନ ଓ ପ୍ରୟୋଗ, ଅଙ୍ଗପ୍ରତ୍ୟଙ୍ଗର ସମାବେଶ, ବିଭିନ୍ନ ବଳର ସାର୍ଥକ ସଂଯୋଗ, ଫଳ ଓ ସାଫଲ୍ୟର ଅବ୍ୟର୍ଥ ଯଥାଯୋଗ୍ୟତା। ବସ୍ତୁରାଜିର ପ୍ରୟୋଗନୀତି, ଗଠନରୀତି, କାରୁପଦ୍ଧତି ହେଲା ମହାସରସ୍ୱତୀଙ୍କ ରାଜ୍ୟ। ସିଦ୍ଧ କର୍ମୀର ଅନ୍ତରଙ୍ଗ ଓ ଯଥାଯଥ ଜ୍ଞାନ, ସୂକ୍ଷ୍ମବୋଧ ଓ ଧୈର୍ଯ୍ୟ, ଅନ୍ତର୍ଜ୍ଞାନୀ ମନର ଏବଂ ସଚେତନ ହସ୍ତର ତଥା ସୂକ୍ଷ୍ମଦର୍ଶୀ ଦୃଷ୍ଟିର ନିର୍ଭୁଲତା, ଏହିସବୁ ମହାସରସ୍ୱତୀ ନିଜର ପ୍ରକୃତି ମଧ୍ୟରେ ନିରନ୍ତର ଧାରଣ କରି ରହିଛନ୍ତି ଏବଂ ଯାହାକୁ ସେ ବାଛିନିଅନ୍ତି ତାହାକୁ ସେ ସେହି ସକଳ ସମ୍ପଦ ଦାନ କରନ୍ତି। ଏହି ସକଳ ଶକ୍ତିହିଁ ସମସ୍ତ ଜଗତର ସମର୍ଥ, ଅକ୍ଳାନ୍ତ, ସତର୍କ, ସୁନିପୁଣ ନିର୍ମାତା, ବିଧାତା, ଶାସକ, ପ୍ରୟୋଗବିତ୍,

କାରିଗର, ଶ୍ରେଣୀବିଭାଗକର୍ତ୍ତା । ଯେତେବେଳେ ସେ ସ୍ୱଭାବର ରୂପାନ୍ତର ଓ ନବନିର୍ମାଣ କରନ୍ତି ସେତେବେଳେ ତାଙ୍କର କାର୍ଯ୍ୟ ହୁଏ ଶ୍ରମସଙ୍କୁଳ ଏବଂ ପୁଙ୍ଖାନୁପୁଙ୍ଖ ; ଆମ୍ଭମାନଙ୍କର ଅଧୀରତା ପାଖରେ ତାହା ବହୁତ ସମୟରେ ମନେହୁଏ ଯେପରି ମନ୍ଥର ଏବଂ ଅନ୍ତହୀନ ; କିନ୍ତୁ ଯଥାର୍ଥରେ ତାଙ୍କର କାର୍ଯ୍ୟ ନିରବଚ୍ଛିନ୍ନ, ସର୍ବାଙ୍ଗୀଣ ଓ ନିର୍ଦ୍ଦୋଷ । ଯେଉଁ ସଂକଳ୍ପ ତାଙ୍କ କର୍ମ ମଧ୍ୟରେ ସକ୍ରିୟ, ତାହା ସତର୍କ, ଅତନ୍ଦ୍ର, ଅକ୍ଳାନ୍ତ । ଉପରୁ ଆନତ ହୋଇ ସେ ଆମ୍ଭମାନଙ୍କୁ ଘେରି ରହନ୍ତି, କ୍ଷୁଦ୍ରାତିକ୍ଷୁଦ୍ର ଅଙ୍ଗକୁ ନିରୀକ୍ଷଣ କରନ୍ତି, ସ୍ପର୍ଶ କରନ୍ତି, ଯେତେ ସାମାନ୍ୟ ହେଉ, ପ୍ରତ୍ୟେକ ଦୋଷ, ତ୍ରୁଟି, କୁଟିଳତା, ଅପୂର୍ଣ୍ଣତା ଖୋଜି ବାହାର କରନ୍ତି, କେତେ କାର୍ଯ୍ୟ କରାହୋଇଛି, ଆଉ କେତେ କରିବାକୁ ବାକି ଅଛି ତାହା ଯଥାଯଥ ଓଜନ କରି, ବିଚାର କରି ଦେଖନ୍ତି । ତାଙ୍କ ଦୃଷ୍ଟି ପାଖରେ କ୍ଷୁଦ୍ର ବା ଆପାତନଗଣ୍ୟ କିଛିହିଁ ନାହିଁ; ଯେତେହେଁ ଛଦ୍ମବେଶରେ, ସୂକ୍ଷ୍ମ ଭାବରେ ଅନ୍ତର୍ଲୀନ ହୋଇ ରହୁନା କାହିଁକି କିଛି ବି ତାଙ୍କ ଦୃଷ୍ଟି ପାଖରେ ଲୁଚି ରହିପାରେ ନାହିଁ । ବାରଂବାର ସେ ପରମ ଯତ୍ନରେ ଢାଳି ଗଢୁଛନ୍ତି ଯେଉଁଥିରେ ପ୍ରତ୍ୟେକ ଅଙ୍ଗ ତାହାର ଯଥାର୍ଥ ରୂପ ପ୍ରାପ୍ତ ହୁଏ, ସମଗ୍ର ମଧ୍ୟରେ ତାହାର ଯଥାର୍ଥ

ସ୍ଥାନରେ ପ୍ରତିଷ୍ଠିତ ହୁଏ, ତାହାର ଯଥାଯଥ ଉଦ୍ଦେଶ୍ୟ ସାଧନ କରେ। ନିରନ୍ତର ଅଧ୍ୟବସାୟ ସହ ସକଳ ବସ୍ତୁକୁ ସେ ପୁନଃପୁନଃ ସଜାଉଛନ୍ତି, ଯେଉଁଠାରେ ଯାହାସବୁ ପ୍ରୟୋଜନ ଏବଂ ଯେଉଁ ଉପାୟରେ ସେହିସବୁ ପ୍ରୟୋଜନ ସାଧିତ ହୋଇପାରେ, ଏହି ଉଭୟର ଉପରେ ଯୁଗପତ୍ ତାଙ୍କର ଦୃଷ୍ଟି ରହିଛି; ତାଙ୍କର ଆନ୍ତର ବୋଧି ଜାଣେ କ'ଣ ଗ୍ରହଣ କରିବାକୁ ହେବ ଏବଂ କ'ଣ ବର୍ଜନ କରିବାକୁ ହେବ ଏବଂ ଅବ୍ୟର୍ଥ ଭାବରେ ନିର୍ଣ୍ଣୟ କରେ ଯୋଗ୍ୟ ପାତ୍ର, ଯୋଗ୍ୟ କାଳ, ଯୋଗ୍ୟ ଅବସ୍ଥା ଓ ଯୋଗ୍ୟ ପ୍ରକ୍ରିୟା। ଅଯତ୍ନ, ଅବହେଳା, ଆଳସ୍ୟ ଉପରେ ସେ ଏକେବାରେ ବିରୂପ, କୌଣସି ପ୍ରକାରେ ଯୋଡ଼ାତାଳି ଦେଇ ଶୀଘ୍ର କାର୍ଯ୍ୟ ଶେଷ କରିବା, ସକଳ ଅପଟୁତା, ନ୍ୟୂନାଧିକତା, ଲକ୍ଷ୍ୟଭ୍ରଷ୍ଟତା, କରଣ ଓ ବୃତ୍ତିସକଳର ମିଥ୍ୟା ଯୋଗାଯୋଗ ବା ଅପବ୍ୟବହାର, ଅର୍ଦ୍ଧସମ୍ପୂର୍ଣ୍ଣ ବା ଅସମ୍ପୂର୍ଣ୍ଣ କରି କୌଣସି କାର୍ଯ୍ୟ ପକାଇ ରଖିବା—ଏ ସମସ୍ତହିଁ ତାଙ୍କ ପ୍ରକୃତିର ଅପ୍ରିୟ ଓ ବିରୋଧୀ। ତାଙ୍କ କାର୍ଯ୍ୟଟି ଯେତେବେଳେ ଶେଷ ହୁଏ ସେତେବେଳେ ଦେଖାଯାଏ ଯେ ସେଥିରେ କିଛି ବି ବିସ୍ମୃତ ହୋଇ ନାହିଁ, କୌଣସି ଅଂଶ ବି ଅଯଥା ସ୍ଥାନରେ ସ୍ଥାପିତ ହୋଇ ନାହିଁ ବା ବାଦ୍ ଯାଇ

ନାହିଁ ବା ଦୋଷଯୁକ୍ତ କରି ରଖା ହୋଇ ନାହିଁ; ସମସ୍ତ ହିଁ ନିରାଟ, ନିର୍ଭୁଲ, ପରିପୂର୍ଣ୍ଣ ଏବଂ ଚମତ୍କାର। ପୂର୍ଣ୍ଣାଙ୍ଗ ପୂର୍ଣ୍ଣତାରୁ କମ୍ କିଛି ତାଙ୍କୁ ତୃପ୍ତି ଦେଇପାରେ ନାହିଁ। ସୃଷ୍ଟିକୁ ସର୍ବାଙ୍ଗସୁନ୍ଦର କରିବାକୁ ଯଦି ଅନନ୍ତକାଳ ପର୍ଯ୍ୟନ୍ତ ପରିଶ୍ରମ କରିବାକୁ ପ୍ରୟୋଜନ ହୁଏ ତାହା ସକାଶେ ସେ ପ୍ରସ୍ତୁତ। ମା'ଙ୍କର ସମସ୍ତ ଶକ୍ତି ମଧ୍ୟରେ ମନୁଷ୍ୟର ସମସ୍ତ ତ୍ରୁଟିକୁ ସର୍ବାପେକ୍ଷା ଅଧିକ ଧୈର୍ଯ୍ୟ ସହ ସେ ସହ୍ୟ କରି ଆସିଛନ୍ତି। ଦୟା ଓ ସ୍ମିତହାସ୍ୟ ସହ ସେ ଆମ୍ଭମାନଙ୍କ ପାଖେ ରହିଛନ୍ତି; ସର୍ବଦା ସାହାଯ୍ୟ କରୁଛନ୍ତି, ସହଜରେ ସେ ବିମୁଖ ବା ନିରାଶ ହୁଅନ୍ତି ନାହିଁ, ପୁନଃପୁନଃ ବ୍ୟର୍ଥତା ସତ୍ତ୍ୱେ ବି ସମାନ ଭାବରେ ଉତ୍ସାହ ଦେଉଛନ୍ତି। ପ୍ରତି ପଦରେ ସେ ଆମ୍ଭମାନଙ୍କ ହାତ ଧରି ନେଇ ଚାଲୁଛନ୍ତି, — ତାଙ୍କର ଏକମାତ୍ର ଦାବି : ଆମ୍ଭମାନଙ୍କ ସଂକଳ୍ପ ଯେପରି ଏକମୁଖୀ ହୁଏ, ଆମ୍ଭେମାନେ ଯେପରି ହେଉ ସରଳ ଓ ଏକନିଷ୍ଠ, କାରଣ ଦ୍ୱିଧାଚିତ୍ତ ସେ ସହ୍ୟ କରନ୍ତି ନାହିଁ, — ଅଭିନୟ, ଛଳନା, ଆତ୍ମପ୍ରତାରଣା, ମିଥ୍ୟାଚାର ତାଙ୍କର ନିର୍ଦ୍ଦୟ ବିଦ୍ରୂପରେ ବ୍ୟକ୍ତ ହୁଏ। ଅଭାବରେ ମାତା, ବିପଦରେ ବନ୍ଧୁ, ଧୀର ଆଳସ୍ୟଶୂନ୍ୟ ସଚିବ ଓ ପଥପ୍ରଦର୍ଶକରୂପେ ସେ ତାଙ୍କର ପ୍ରୋଜ୍ଜ୍ୱଳ ହାସ୍ୟରେ ବିଷାଦ,

ଅବସାଦ ଓ ଅସ୍ଥିରତାର ସକଳ ମେଘକୁ ଦୂର କରିଦିଅନ୍ତି, ତାଙ୍କର ନିତ୍ୟବର୍ତ୍ତମାନ ସାହାଯ୍ୟର କଥା ସର୍ବଦା ସ୍ମରଣ କରାଇ ଦିଅନ୍ତି ଏବଂ ଅଙ୍ଗୁଳିନିର୍ଦ୍ଦେଶ କରି ଦେଖାଇ ଦିଅନ୍ତି ଚିରପ୍ରକାଶିତ ସୂର୍ଯ୍ୟକିରଣ। ଯେଉଁ ଗଭୀର ନିରବଚ୍ଛିନ୍ନ ପ୍ରେରଣା ଆମ୍ଭମାନଙ୍କ ଉର୍ଦ୍ଧ୍ୱତନ ପ୍ରକୃତିର ସମଗ୍ରତା ଆଡ଼କୁ ପରିଚାଳିତ କରେ ତାକୁ ତାଙ୍କର ଦୃଢ଼ତା, ଅଚଞ୍ଚଳତା, ଅଧ୍ୟବସାୟ ଦ୍ୱାରା ସେ ପୂର୍ଣ୍ଣ କରିଦିଅନ୍ତି। ଅନ୍ୟାନ୍ୟ ଶକ୍ତିର ଯାବତୀୟ କାର୍ଯ୍ୟ ସେସବୁର ପୂର୍ଣ୍ଣତା ସକାଶେ ଏହି ଶକ୍ତିକୁହିଁ ଅବଲମ୍ବନ କରି ରହିଛି, କାରଣ ସେ ସ୍ଥୂଳ ବାସ୍ତବ ଭିତ୍ତିକୁ ସୁନିଶ୍ଚିତ କରିଦିଅନ୍ତି, ସକଳ ଅଙ୍ଗପ୍ରତ୍ୟଙ୍ଗ ସବିସ୍ତାରରେ ପ୍ରସ୍ଫୁଟିତ କରିଦିଅନ୍ତି, ସମଗ୍ର ଇମାରତକୁ ଯେପରି ଗୋଟିଏ ଲୌହ କବଚରେ ଦୃଢ଼ କରିଦିଅନ୍ତି।

ଦିବ୍ୟଜନନୀଙ୍କର ଅନ୍ୟାନ୍ୟ ମହାରୂପ ମଧ୍ୟ ଅଛି, – କିନ୍ତୁ ସେସବୁକୁ ଅବତରଣ କରାଇବା ଅଧିକତର କଠିନ, ପୃଥିବୀର ଆତ୍ମପୁରୁଷଙ୍କର କ୍ରମବିକାଶରେ ସେମାନେ ସେପରି ସ୍ୱଷ୍ଟ ଭାବରେ ସମ୍ମୁଖକୁ ଆସି ଛିଡ଼ାହୁଅନ୍ତି ନାହିଁ। ତେବେ ସେମାନଙ୍କ ମଧ୍ୟରୁ କେତେଜଣ ଅଛନ୍ତି, ଯେଉଁମାନଙ୍କର ଆବିର୍ଭାବ ଅତିମାନସ ସିଦ୍ଧି ସକାଶେ ଅପରିହାର୍ଯ୍ୟ। ସର୍ବାପେକ୍ଷା ବେଶୀ ପ୍ରୟୋଜନ ଜଣଙ୍କର,

ଯେ ମା'ଙ୍କର ଦୁର୍ଜ୍ଞେୟ, ଦୁର୍ବାର ଆନନ୍ଦର ବିଗ୍ରହ; ସେହି ଆନନ୍ଦ ଗୋଟିଏ ଭାଗବତ ପ୍ରେମର ପରମ ପଦରୁ ଉତ୍ସାରିତ, କେବଳ ସେହି ଆନନ୍ଦହିଁ ଅତିମାନସ ଚେତନାର ଉଚ୍ଚତମ ଉଚ୍ଚତା ଆଉ ଜଡ଼ର ଅଧସ୍ତନ ଗହ୍ୱର, ଏହି ଦ୍ୱୟର ବିଚ୍ଛେଦକୁ ଦୂର କରି ଉଭୟ ମଧ୍ୟରେ ମିଳନର ସେତୁ ସ୍ଥାପନ କରିବାକୁ ସକ୍ଷମ। ଏହି ଆନନ୍ଦ ମଧ୍ୟରେ ନିହିତ ଅଛି ଗୋଟିଏ ଅନୁପମ ପରମ ଦିବ୍ୟ ଜୀବନର ଗୁପ୍ତ ମନ୍ତ୍ର; ଆଉ ବର୍ତ୍ତମାନ ବି ଏହି ଆନନ୍ଦହିଁ ଅନ୍ତରାଳରୁ ବିଶ୍ୱର ଅନ୍ୟାନ୍ୟ ମହାଶକ୍ତିର କ୍ରିୟାକୁ ଧାରଣ କରି ରହିଛି। କିନ୍ତୁ ମନୁଷ୍ୟର ପ୍ରକୃତି ସୀମାବଦ୍ଧ, ଆତ୍ମାଭିମାନୀ, ତମୋଗ୍ରସ୍ତ ହୋଇଥିବାରୁ ଏହିସବୁ ମହତ୍ତର ସତ୍ତାକୁ ଧାରଣ କରିବା ଅଥବା ସେସବୁର ବିପୁଳ କ୍ରିୟାବେଗ ସହ୍ୟ କରିବା ତାହାର ସାଧ୍ୟାତୀତ। ଯେତେବେଳେ ରୂପାନ୍ତରିତ ମନ-ପ୍ରାଣ-ଦେହରେ ଶକ୍ତିଚତୁଷ୍ଟୟ ତାଙ୍କର ମୁକ୍ତ ସୁସମଞ୍ଜସ ଲୀଳା ପ୍ରତିଷ୍ଠିତ କରିବେ, କେବଳ ସେତେବେଳେହିଁ ଏହି ଅନ୍ୟାନ୍ୟ ବିରଳତର ଶକ୍ତି ପାର୍ଥିବ ଧାରାରେ ନିଜକୁ ପ୍ରକାଶିତ କରିପାରିବେ ଏବଂ ସେତେବେଳେହିଁ ଅତିମାନସର କ୍ରିୟା ସମ୍ଭବ ହେବ। କାରଣ ମା'ଙ୍କର ଯାବତୀୟ ବିଗ୍ରହ ଯେତେବେଳେ ମା'ଙ୍କ ମଧ୍ୟରେ ଏକତ୍ରିତ ହେବ, ସେମାନଙ୍କ

ବିଭିନ୍ନ କ୍ରିୟା ଯେତେବେଳେ ସାମଞ୍ଜସ୍ୟପୂର୍ଣ୍ଣ ଐକ୍ୟରେ ପରିଣତ ହେବ ଓ ମା'ଙ୍କ ମଧ୍ୟରେ ସେମାନଙ୍କ ଅତିମାନସ ଦେବସ୍ୱରୂପରେ ଉନ୍ନୀତ ହେବ, ସେତେବେଳେ ମା ଅତିମାନସ ମହାଶକ୍ତିରୂପେ ପ୍ରକଟିତ ହେବେ ଏବଂ ତାଙ୍କର ଲୋକାତୀତ ଜ୍ୟୋତିଃପ୍ରବାହକୁ ସେସବୁର ଅନିର୍ବଚନୀୟ ଅଲକ୍ଷ୍ୟ ଆୟତନରୁ ଉତାରି ଆଣି ଏହିଠାରେ ଢାଳିଦେବେ। ଆଉ ସେତେବେଳେ ମାନବପ୍ରକୃତି ସକ୍ରିୟ ଦିବ୍ୟ ପ୍ରକୃତିରେ ପରିଣତ ହୋଇପାରିବ; କାରଣ ସେତେବେଳେ ଅତିମାନସର ଯେ ସତ୍ୟଚେତନା ଓ ସତ୍ୟ-ଶକ୍ତି, ସେସବୁର ମୂଳଧାରାଗୁଡ଼ିକ ତନ୍ତ୍ରୀ ପରି ଏକସଙ୍ଗରେ ଯୁକ୍ତ ହେବ, ଜୀବନର ବୀଣା ଅନନ୍ତଙ୍କ ଛନ୍ଦସକଳକୁ ଧରିବାକୁ ଯୋଗ୍ୟ ହେବ।

ଯଦି ତୁମେ ଏହି ରୂପାନ୍ତର କାମନା କର ତେବେ ମା ଓ ମା'ଙ୍କର ଶକ୍ତିସକଳର ହାତରେ ଅକୁଣ୍ଠିତ ଭାବରେ ଅବାଧରେ ନିଜକୁ ସମର୍ପଣ କର, ତୁମ ଭିତରେ ନିର୍ବିଘ୍ନରେ ତାଙ୍କୁ କାର୍ଯ୍ୟ କରିବାକୁ ଦିଅ। ଏହି ତିନୋଟି ଜିନିଷ ତୁମ ସକାଶେ ପ୍ରୟୋଜନ — ଚେତନା, ନମନୀୟତା, ନିଃଶେଷରେ ସମର୍ପଣ। ତୁମକୁ ମନରେ, ଅନ୍ତରାତ୍ମାରେ, ହୃଦୟରେ, ପ୍ରାଣରେ, ଏପରିକି ଦେହର ପ୍ରତି କୋଷାଣୁରେ

ବି ସଚେତନ ହେବାକୁ ହେବ; ମା ଏବଂ ମା'ଙ୍କର ଶକ୍ତିସକଳ ଏବଂ ସେମାନଙ୍କ କ୍ରିୟା ସମ୍ବନ୍ଧରେ ସଜାଗ ହେବାକୁ ହେବ। ସେ ତୁମର ତାମସିକତା, ତୁମର ଅଚେତନ ଅଙ୍ଗସକଳ ଓ ଅବସ୍ଥା ଭିତରେ ବି କାର୍ଯ୍ୟ କରିପାରନ୍ତି ଏବଂ କରନ୍ତି ବି; ତଥାପି ସେହି ଜିନିଷ ହେଲା ଗୋଟିଏ ପ୍ରକାରର ଏବଂ ତୁମେ ଯେତେବେଳେ ତାଙ୍କ ସଙ୍ଗରେ ଜୀବନ୍ତ, ଜାଗ୍ରତ ସଂଯୋଗ ସ୍ଥାପନ କର ସେହି ଜିନିଷ ହୁଏ ଅନ୍ୟ ପ୍ରକାରର। ମା'ଙ୍କର ସ୍ପର୍ଶ ନିକଟରେ ତୁମର ସମଗ୍ର ପ୍ରକୃତି ଯେପରି ନମନୀୟ ହୁଏ, ଆତ୍ମସର୍ବସ୍ୱ ଅବୋଧ ମନ ଯେପରି ପ୍ରଶ୍ନ କରେ, ସଂଶୟ କରେ, ତର୍କ କରେ ଏବଂ ନିଜର ଜ୍ଞାନଲାଭ ଓ ପରିବର୍ତ୍ତନରେ ନିଜେହିଁ ବିରୋଧୀ ହୁଏ, ସେହିପରି ଯେପରି ନ ହୁଏ; ମନୁଷ୍ୟ ମଧ୍ୟରେ ତାହାର ପ୍ରାଣ ଯେପରି ପ୍ରବୃତ୍ତି ଉପରେ ଜୋର୍ କରି ଚାଲେ, ନିଜର ଉଦ୍ଦଣ୍ଡ ବାସନା ଓ ଦୁଷ୍ଟ ସଂକଳ୍ପକୁ ସକଳ ପ୍ରକାର ଭାଗବତ ପ୍ରଭାବ ବିରୁଦ୍ଧରେ ଯେପରି ସର୍ବଦା ସ୍ଥାପନ କରେ, ସେହିପରି ଯେପରି ନ ହୁଏ; ପୁଣି ମନୁଷ୍ୟର ଶାରୀରଚେତନା କ୍ଷୁଦ୍ରତା ମଧ୍ୟରେ, ଅନ୍ଧକାର ମଧ୍ୟରେ, ନିଜର ସୁଖଭୋଗରେ ଯେପରି ଏକାନ୍ତ ଆସକ୍ତ ହୋଇପଡ଼େ, ଯେଉଁ ପ୍ରତ୍ୟେକ ସ୍ପର୍ଶ ଦ୍ୱାରା ତାହାର

ଅନ୍ତଃଶୂନ୍ୟ ଧରାବନ୍ଧା ନିତ୍ୟନୈମିତ୍ତିକତା, ଜଡ଼ତାଯୁକ୍ତ ଆଳସ୍ୟ ଓ ନିଶ୍ଚେତନ ସୁପ୍ତିରେ ବ୍ୟାଘାତ ଘଟେ, ସେହି ସକଳ ବିରୁଦ୍ଧରେ ପାଟି କରିଉଠେ, ଅକ୍ଷମତା, ଜଡ଼ତା, ତାମସିକତାର ଦୁର୍ଗ ମଧ୍ୟରେ ନିଜକୁ ସୁରକ୍ଷିତ କରି ରଖେ, ସେପରି ଯେପରି ନ ହୁଏ। ତୁମ ଆନ୍ତର ଓ ବାହ୍ୟ ସତ୍ତାର ନିଃଶେଷ ସମର୍ପଣ ତୁମ ଆଧାରର ପ୍ରତି ଅଙ୍ଗରେ ଯେପରି ସହଜ ନମନୀୟତା ଆଣିଦିଏ। ଯେତେହିଁ ଊର୍ଦ୍ଧ୍ବରୁ ନିମ୍ନାଭିମୁଖୀ ପ୍ରବାହିତ ଜ୍ଞାନ, ଜ୍ୟୋତିଃ, ଶକ୍ତି, ସୌନ୍ଦର୍ଯ୍ୟ ଓ ସୁଷମା ଆଡ଼କୁ ତୁମେ ନିଜକୁ କ୍ରମାଗତ ଉନ୍ମୀଳିତ କରିବ, ସେତେହିଁ ତୁମର ଚେତନା ତୁମ ମଧ୍ୟରେ ସର୍ବତ୍ର ଜାଗ୍ରତ ହେବ। ଏପରିକି ଶରୀର ପର୍ଯ୍ୟନ୍ତ ଜାଗ୍ରତ ହେବ ଏବଂ ଶରୀରର ଚେତନା ଆଉ ଅନ୍ତର୍ଗୂଢ଼ ହୋଇ ରହିବ ନାହିଁ, ଅତିମାନସର ଲୋକୋତ୍ତର ଚୈତନ୍ୟମୟୀ ଶକ୍ତି ସଙ୍ଗେ ତାହା ଯୁକ୍ତ ହେବ, ଅନୁଭବ କରିବ ଯେ ଏହି ଶକ୍ତିର ପ୍ରବାହ ଊର୍ଦ୍ଧ୍ବରୁ, ଅଧଃରୁ, ଚାରି ଦିଗରୁ ତାହାକୁ ଓତପ୍ରୋତ ପରିପ୍ଲୁତ କରୁଛି, ଏକ ପରମ ପ୍ରେମ ଓ ଆନନ୍ଦରେ ସେ ପୁଲକିତ ହେଉଛି।

କିନ୍ତୁ ସାବଧାନ, ତୁମର କ୍ଷୁଦ୍ର ପାର୍ଥିବ ମନରେ ଭାଗବତୀ ଜନନୀଙ୍କୁ ବୁଝିବାକୁ ବା ବିଚାର କରିବାକୁ

ଚେଷ୍ଟାକର ନାହିଁ। ଯେଉଁସବୁ ବସ୍ତୁ ସ୍ୱୀୟ ସୀମାର ଅତୀତ, ସେସବୁକୁ ମନ ନିଜର ଛାଞ୍ଚର ଓ ଛନ୍ଦର, ସଙ୍କୀର୍ଣ୍ଣ ଯୁକ୍ତି ଓ ଭ୍ରମପୂର୍ଣ୍ଣ ଧାରଣାର, ପ୍ରବଳ ଅତଳ ଅଜ୍ଞାନର, ତୁଚ୍ଛ ଆତ୍ମମ୍ଭରୀ ଜ୍ଞାନର ଅନୁଗତ କରି ରଖିବାକୁ ଚାହେଁ। ମନୁଷ୍ୟର ଅର୍ଦ୍ଧାଲୋକିତ ଅନ୍ଧକାରର କାରାଗାରରେ ଆବଦ୍ଧ ଯେଉଁ ମନ, ତାହା ପକ୍ଷରେ ଭାଗବତୀ ଶକ୍ତିଙ୍କର ଅବାଧ ବହୁମୁଖୀ ଗତି ଅନୁସରଣ କରିବା ସମ୍ଭବ ନୁହେଁ। ତାଙ୍କ ଦୃଷ୍ଟି ଓ କ୍ରିୟାର କ୍ଷିପ୍ରତା ଓ ଜଟିଳତା ମନର ପ୍ରତିପଦରେ ସ୍ଖଳନଶୀଳ ଧାରଣସାମର୍ଥ୍ୟକୁ ବ୍ୟାହତ କରି ଧାଉଁଛି। ମନର ଗତିର ମାପରେ ମା'ଙ୍କ ଗତିର ମାପ ହୁଏ ନାହିଁ। ମା'ଙ୍କର ବହୁଧା ବିଭିନ୍ନ ରୂପର ବାରଂବାର ପରିବର୍ତ୍ତନ, ବିଭିନ୍ନ ଛନ୍ଦର ବିଧ୍ୱଂସ ଓ ଗଠନ, ତାଙ୍କ ଗତିବେଗର କ୍ଷିପ୍ରତା ଓ ହ୍ରାସ, ନାନା ବ୍ୟକ୍ତିର, ନାନା ସମସ୍ୟାର ନାନା ଭାବରେ ମୀମାଂସା, ବର୍ତ୍ତମାନ ଗୋଟିଏ ସୂତ୍ର ଧରି ଚାଲିବା, ପରେ ତାକୁ ପରିତ୍ୟାଗ କରି ଅନ୍ୟ ସୂତ୍ରକୁ ଧରିବା, ପୁଣି ସକଳ ସୂତ୍ରକୁ ଏକ ସଙ୍ଗରେ ମିଳାଇ ଧରିବା, ଏହିସବୁରେ ମନ ବିଭ୍ରାନ୍ତ ହୋଇପଡ଼େ। ସେ ହୃଦୟଙ୍ଗମ କରିବାକୁ ଚାହେଁ ନାହିଁ ବା କରିପାରେ ନାହିଁ କିପରି ସେହି ଅଖଣ୍ଡ ଦିବ୍ୟଶକ୍ତି ଅଜ୍ଞାନତାର ଗହନତାକୁ ଭେଦ କରି ଆବର୍ତ୍ତାକାରରେ ଊର୍ଦ୍ଧ୍ୱକୁ ଏକ ପରାତ୍ପର ଜ୍ୟୋତିଃ

ଆଡ଼କୁ ବେଗରେ ଧାଉଁଛନ୍ତି । ବରଂ ତାଙ୍କ ଆଡ଼କୁ ତୁମର ଅନ୍ତର ଖୋଲିଧର ଏବଂ ତୁମର ଅନ୍ତରାତ୍ମାର ଧାରାରେ ଯଦି ତାଙ୍କୁ ଅନୁଭବ କର, ଅନ୍ତରାତ୍ମାର ଦୃଷ୍ଟିରେ ଯଦି ତାଙ୍କୁ ଦେଖ ତେବେ ତାହାହିଁ ଯଥେଷ୍ଟ । ସେହି ଏକହିଁ ବସ୍ତୁ ସତ୍ୟର ଆହ୍ୱାନରେ ସରଳ ଓ ସାକ୍ଷାତ୍ ଭାବରେ ଉତ୍ତର ଦେଇପାରେ । ମା' ସେତେବେଳେ ନିଜେହିଁ ତୁମର ମନ-ପ୍ରାଣ-ହୃଦୟକୁ, ଏପରିକି ଶାରୀର ଚେତନା ପର୍ଯ୍ୟନ୍ତ ସେସବୁର ଚୈତ୍ୟସତ୍ତା ସାହାଯ୍ୟରେ ପ୍ରଦୀପ୍ତ କରିବେ, ସେସବୁର ପାଖରେ ନିଜର କର୍ମଧାରା ଏବଂ ପ୍ରକୃତିକୁ ବ୍ୟକ୍ତ କରିବେ ।

ସର୍ବଶକ୍ତିମତ୍ତା ଓ ସର୍ବଜ୍ଞତା ସମ୍ବନ୍ଧରେ ଆମ୍ଭମାନଙ୍କର ଯେଉଁ ଅତି ସ୍ଥୂଳ ଓ ଏକେବାରେ ବାହ୍ୟ ଧାରଣା ଅଛି, ତଦନୁସାରେ ଯେ ଭାଗବତୀ ଶକ୍ତିଙ୍କୁ କାର୍ଯ୍ୟ କରିବାକୁ ହେବ, — ଅବୋଧ ମନର ଏହି ଭ୍ରାନ୍ତ ଦାବିରୁ ନିଜକୁ ମୁକ୍ତ ରଖିବାକୁ ହେବ । ଆମ୍ଭମାନଙ୍କର ପାର୍ଥିବ ମନ କୌଣସି ଏକ ଆଶ୍ଚର୍ଯ୍ୟଜନକ ଶକ୍ତି, ସହଜ ସଫଳତା, ଭାସ୍ୱର ଐଶ୍ୱର୍ଯ୍ୟ ଦ୍ୱାରା ପ୍ରତିପଦରେ ଚମତ୍କୃତ ହେବାକୁ ଚାହେଁ, ନଚେତ୍ ଏଠାରେ ଭଗବାନ ଅଛନ୍ତି ବୋଲି ସେ ବିଶ୍ୱାସ କରିପାରେ ନାହିଁ । ମା' ଅଜ୍ଞାନତାର କ୍ଷେତ୍ରରେ ଅଜ୍ଞାନତାର ସଙ୍ଗେ କାର୍ଯ୍ୟ କରୁଛନ୍ତି ; କେବଳ ଯେ ମା' ଅଜ୍ଞାନତାର

ଊର୍ଦ୍ଧ୍ୱରେ ଅଛନ୍ତି ତାହା ନୁହେଁ, ସେ ତାହା ମଧ୍ୟରେ ବି ଓହରି ଆସିଛନ୍ତି। ତାଙ୍କ ଜ୍ଞାନ ଓ ଶକ୍ତିର କେତେକ ଅଂଶ ସେ ଖୋଲି ଧରିଛନ୍ତି, ଆଉ କେତେକ ଅଂଶ ଆବୃତ କରି ରଖିଛନ୍ତି, ଅନେକ ସମୟରେ ଏହି ଜ୍ଞାନ ଓ ଶକ୍ତିକୁ ତାଙ୍କର ଯନ୍ତ୍ର ଓ ବିଭୂତିମାନଙ୍କଠାରୁ ବି ସେ ଲୁଚାଇ ରଖନ୍ତି ଏବଂ ଜିଜ୍ଞାସୁ ମନ, ଊର୍ଦ୍ଧ୍ୱମୁଖୀ ଚୈତ୍ୟସତ୍ତା, ଯୁଦ୍ଧରତ ପ୍ରାଣ, ପାଶବଦ୍ଧ ଓ ବ୍ୟଥାକ୍ଲିଷ୍ଟ ସ୍ଥୂଳ ପ୍ରକୃତିକୁ ରୂପାନ୍ତରିତ କରିବା ସକାଶେ ସେ ସେମାନଙ୍କର ପଥ ଅନୁସରଣ କରି ଚାଲନ୍ତି। ଏପରିସବୁ ବିଧିବ୍ୟବସ୍ଥା ଅଛି, ଯାହାକୁ ପରମା ଇଚ୍ଛାଶକ୍ତି ସ୍ଥିର କରି ଦେଇଛନ୍ତି, ଏପରିସବୁ ଜଟିଳ ଗ୍ରନ୍ଥି ଅଛି ଯାହାକୁ ଧୀରେ ଧୀରେ ଖୋଲିବାକୁ ହେବ, ସେସବୁକୁ ହଠାତ୍ କାଟି ପକାଇଲେ ଚଳିବ ନାହିଁ। ଏହି କ୍ରମବିକାଶଶୀଳ ପାର୍ଥିବ ପ୍ରକୃତି ଅସୁର ଓ ରାକ୍ଷସଙ୍କ କବଳରେ ରହିଛି, ବହୁ ଦିନରୁ ସେମାନଙ୍କ ଅଧିକୃତ ରାଜ୍ୟ ଓ କ୍ଷେତ୍ରକୁ ସେମାନଙ୍କ ଦାବିର ସର୍ତ୍ତାନୁସାରେ ଜୟ କରିବାକୁ ହେବ। ଯଦି ଆମ୍ଭମାନଙ୍କର ଅନ୍ତରସ୍ଥିତ ମାନବ-ସତ୍ତାକୁ ନିଜର ସୀମା ଅତିକ୍ରମ କରିବାକୁ ହୁଏ, ତେବେ ତାହାକୁ ଧୀରେ ଧୀରେ ପରିଚାଳିତ କରିବାକୁ ହେବ, ତାହାକୁ କ୍ରମଶଃ ପ୍ରସ୍ତୁତ କରି ଗଢ଼ିବାକୁ ହେବ। କାରଣ ସେ ଏତେ ଦୁର୍ବଳ, ଏତେ ତମୋଗ୍ରସ୍ତ ଯେ

ତାଙ୍କୁ ହଠାତ୍ ତା'ର ବହୁ ଊର୍ଦ୍ଧ୍ୱର ଏକ ଆୟତନରେ ଉଠାଇ ଧରିହେବ ନାହିଁ। ଭାଗବତ ଚେତନା ଓ ଶକ୍ତି ସର୍ବଦା ଏଠାରେ ରହିଛନ୍ତି, ସାଧନାର ଅବସ୍ଥାନୁସାରେ ଯେତେବେଳେ ଯାହା ଦରକାର ଠିକ୍ ସେହି ବସ୍ତୁ କରୁଛନ୍ତି। ସର୍ବଦା ଯଥାନିର୍ଦ୍ଦିଷ୍ଟ ପଦକ୍ଷେପରେ ଅଗ୍ରସର ହେଉଛନ୍ତି, ଭବିଷ୍ୟତ୍ ପୂର୍ଣ୍ଣତାକୁ ବର୍ତ୍ତମାନର ଅପୂର୍ଣ୍ଣତା ମଧ୍ୟରେ ଗଢୁଛନ୍ତି ; ତେବେ, କେବଳ ଯେତେବେଳେ ତୁମ ମଧ୍ୟରେ ଅତିମାନସ ଉତରି ଆସିବ ସେତେବେଳେ ଅତିମାନସ ଶକ୍ତିରୂପେ ଅତିମାନସ ପ୍ରକୃତି ଉପରେ ସେ ସାକ୍ଷାତ୍‌ଭାବରେ କାର୍ଯ୍ୟ କରି ପାରିବେ। ତୁମେ ଯଦି ତୁମର ମନକୁ ଅନୁସରଣ କରିଚାଲ, ତେବେ ମା' ତୁମ ସମ୍ମୁଖରେ ଆସି ଆବିର୍ଭୂତ ହେଲେ ବି ତାଙ୍କୁ ତୁମେ ଚିହ୍ନି ପାରିବ ନାହିଁ। ତୁମର ଅନ୍ତଃପୁରୁଷଙ୍କୁ ଅନୁସରଣ କର, ମନକୁ ଅନୁସରଣ କର ନାହିଁ ; ତୁମ ଅନ୍ତଃପୁରୁଷହିଁ ସତ୍ୟ ଆହ୍ୱାନର ଉତ୍ତର ଦିଏ, ତୁମ ମନ ବାହ୍ୟ ରୂପରେ ଅଭିଭୂତ ହୋଇପଡ଼େ ; ଭାଗବତୀ ଶକ୍ତି ଉପରେ ବିଶ୍ୱାସ ରଖ, ସେ ତୁମର ଅନ୍ତରର ଦେବୋଚିତ ଉପାଦାନସକଳକୁ ମୁକ୍ତ କରିଦେବେ ଏବଂ ସବୁକିଛିକୁ ଭାଗବତୀ ପ୍ରକୃତିର ଅଭିବ୍ୟକ୍ତିରୂପେ ଗଢ଼ିତୋଳିବେ।

ଅତିମାନସ ରୂପାନ୍ତର ନିୟତିନିର୍ଦ୍ଦିଷ୍ଟ ହୋଇଛି, ପାର୍ଥିବ

ଚେତନାର କ୍ରମବିବର୍ତ୍ତନରେ ତାହା ହେବା ଅନିବାର୍ଯ୍ୟ। କାରଣ ଏହି ଚେତନାର ଊର୍ଦ୍ଧ୍ୱମୁଖୀ ଗତି ଶେଷ ହୋଇ ନାହିଁ, ମନ ତାହାର ସର୍ବୋଚ୍ଚ ଶିଖର ନୁହେଁ। କିନ୍ତୁ ଏହି ପରିବର୍ତ୍ତନ ଯଦ୍ଦ୍ୱାରା ଆସିପାରେ, ରୂପଗ୍ରହଣ କରିପାରେ ଏବଂ ଚିରସ୍ଥାୟୀ ହୋଇପାରେ, ସେଥିପାଇଁ ପ୍ରୟୋଜନ ହେଲା ପ୍ରଥମରେ ନିମ୍ନରୁ ଆବାହନ ଏବଂ ସେହି ସଙ୍ଗେ ଊର୍ଦ୍ଧ୍ୱରୁ ଜ୍ୟୋତିଃ ଯେତେବେଳେ ଆସି ପ୍ରକଟ ହୁଏ, ସେତେବେଳେ ତାକୁ ଅସ୍ୱୀକାର ନ କରି ସ୍ୱୀକାର କରିବାର ଦୃଢ଼ ସଂକଳ୍ପ ; ଆଉ ବି ପ୍ରୟୋଜନ ହେଲା ଉପରୁ ଭଗବାନଙ୍କର ଅନୁମତି। ଯେଉଁ ଶକ୍ତି ଊର୍ଦ୍ଧ୍ୱର ଅନୁମତି ଏବଂ ନିମ୍ନର ଆବାହନ, ଏ ଦୁଇର ମଧ୍ୟବର୍ତ୍ତୀ ହୋଇ ଉଭୟର ଆଦାନପ୍ରଦାନ ଘଟାଏ ତାହାହିଁ ଭାଗବତୀ ଜନନୀଙ୍କର ସତ୍ତା ଓ ଶକ୍ତି। କୌଣସି ମାନୁଷୀ ପ୍ରୟାସ ବା ତପସ୍ୟା ନୁହେଁ, କେବଳ ମା'ଙ୍କର ଶକ୍ତିହିଁ ଆବରଣ ଛିନ୍ନ କରିଦେଇ ପାରେ, ଆଧାରକୁ ଗଢ଼ିପାରେ ; ଏହି ତମିସ୍ରା, ମିଥ୍ୟା, ମୃତ୍ୟୁ ଓ ବେଦନାପୂର୍ଣ୍ଣ ଜଗତରେ ଉତାରି ଆଣିପାରେ ସତ୍ୟ, ଜ୍ୟୋତିଃ, ଦିବ୍ୟଜୀବନ ଏବଂ ଅମର ଆନନ୍ଦ।

Rs. 10.00